# ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା



# ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା

ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ, ରୋମ୍, ୨୦୦୧

Reprinted 2002, 2004, 2006, 2011, 2016, 2017

The designations employed and the presentation of material in this information product do not imply the expression of any opinion whatsoever on the part of the Food and Agriculture Organization of the United Nations (FAO) concerning the legal or development status of any country, territory, city or area or of its authorities or concerning the delimitation of its frontiers or boundaries. The mention of specific companies or products of manufacturers, whether or not these have been patented, does not imply that these have been endorsed or recommended by FAO in preference to others of a similar nature that are not mentioned.

ISBN 978-92-5-104601-2

All rights reserved. FAO encourages reproduction and dissemination of material in this information product. Non-commercial uses will be authorized free of charge, upon request. Reproduction for resale or other commercial purposes, including educational purposes, may incur fees. Applications for permission to reproduce or disseminate FAO copyright materials and all queries concerning rights and licences, should be addressed by e-mail to copyright@FAO.org or to the Chief, Publishing Policy and Support Branch, Office of Knowledge Exchange, Research and Extension, FAO, Viale delle Terme di Caracalla, 00153 Rome, Italy.

‘International Plan of Action to Prevent, Deter and Eliminate Illegal, Unreported and Unregulated Fishing’

*Odia Translation: Dr Annada Bhusan Kar & Dr Ansuman Das*
*Translated and Printed by the Bay of Bengal Programme Inter-Governmental Organisation*
*August 2020*

© FAO 2001

**ଏହି ଦସ୍ତାବେଜ ପ୍ରସ୍ତୁତି ସମ୍ପର୍କରେ**

ଏହି ପୁସ୍ତକଟିରେ  ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତି (ଆଇ ପି ଓ ଏ - ଆଇ ୟୁ ୟୁ ) କୁ  ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନାର ବିଷୟବସ୍ତୁ ଅନ୍ତର୍ଭୁକ୍ତ  ଅଛି ।

ମତ୍ସ୍ୟ କମିଟି (ସି ଓ ଏଫ ଆଇ) ର ୨୩ତମ ଅଧିବେଶନର ଏକ ଆହ୍ୱାନର ଫଳ ସ୍ୱରୂପ ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଆଚରଣ ସଂହିତାରେ ଏକ ସ୍ୱେଚ୍ଛାକୃତ ଉପକରଣ ଭାବରେ ଆଇ ପି ଓ ଏ - ଆଇ ୟୁ ୟୁ  ବିକଶିତ ହୋଇଥିଲା । ମଇ ୨୦୦୦ ମସିହାରେ ସିଡନୀ, ଅଷ୍ଟ୍ରେଲିଆରେ ହୋଇଥିବା  ଏକ ବିଶେଷଜ୍ଞ ପରାମର୍ଶ ବୈଠକରେ ଆଇ ପି ଓ ଏ - ଆଇ ୟୁ ୟୁ ବିଷୟରେ ଏକ ପ୍ରାକ ଲେଖ ପ୍ରସ୍ତୁତ କରାଯାଇଥିଲା । ଅକ୍ଟୋବର ୨୦୦୦ ମସିହା ଏବଂ ଫେବୃଆରୀ ୨୦୦୧ ମସିହାରେ ରୋମରେ ଥିବା  ଏଫ ଏ ଓ ମୁଖ୍ୟାଳୟରେ ଆୟୋଜିତ ହୋଇଥିବା ବୈଷୟିକ ପରାମର୍ଶ ବୈଠକରେ ଏହି ଲେଖ ଟି   ଆଲୋଚନାର ଭିତ୍ତିଭୂମି ସୃଷ୍ଟି କରିଥିଲା । ୨ ମାର୍ଚ୍ଚ ୨୦୦୧ ମସିହାରେ  ସି ଓ ଏଫ ଆଇ  ର ୨୪ତମ ଅଧିବେଶନରେ ସହମତି ଅନୁସାରେ  ଆଇ ପି ଓ ଏ-ଆଇ ୟୁ ୟୁ ଲେଖକୁ  ଗ୍ରହଣ କରାଯାଇଥିଲା ଏବଂ ୨୩ ଜୁନ୍ ୨୦୦୧ ମସିହାରେ ଏଫ ଏ ଓ ପରିଷଦର ୧୨୦ ତମ ଅଧିବେଶନ ଦ୍ୱାରା ଏହା ଅନୁମୋଦିତ ହୋଇଥିଲା ।

ୟୁରୋପୀୟ କମିଶନ, ଅଷ୍ଟ୍ରେଲିଆ ଏବଂ କାନାଡା  ସରକାର ଆଇ ପି ଓ ଏ - ଆଇ ୟୁ ୟୁ ର ବିକାଶ ନିମିତ୍ତ  ପ୍ରସ୍ତୁତି କାର୍ଯ୍ୟ ପାଇଁ  ଆର୍ଥିକ ସହଯୋଗ କରିଥିଲେ ।

ଖାଦ୍ୟ ଏବଂ କୃଷି ସଂଗଠନ,

ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା. ରୋମ. ଏଫ ଏ ଓ. 2001. 32p.


**ସାରାଂଶ**

ଆଇ ପି ଓ ଏ - ଆଇ ୟୁ ୟୁ ହେଉଛି ଏକ ସ୍ୱେଚ୍ଛାକୃତ ଉପକରଣ ଯାହା ସମସ୍ତ ଦେଶ , ସଂସ୍ଥା ଏବଂ ସମସ୍ତ ମତ୍ସ୍ୟଜୀବୀଙ୍କ ପାଇଁ ପ୍ରଯୁଜ୍ୟ । ଆଇ ପି ଓ ଏ ର ପ୍ରବେଶ ପରେ, ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ପ୍ରକୃତି ଏବଂ ପରିସରକୁ ସମ୍ବୋଧିତ  କରାଯାଇଛି  । ଆଇ ପି ଓ ଏ ର ଉଦ୍ଦେଶ୍ୟ, ସିଦ୍ଧାନ୍ତ  ଏବଂ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପଦକ୍ଷେପଗୁଡିକର ପରିଚାଳନା କୌଶଳ ଏଠାରେ ବର୍ଣ୍ଣିତ ହୋଇଅଛି । ଏହି ପଦକ୍ଷେପଗୁଡିକ ସମସ୍ତ ଦେଶ  ଓ  ଫ୍ଲାଗ ଦେଶମାନଙ୍କର ଦାୟିତ୍ୱ, ଉପକୂଳବର୍ତ୍ତୀ ଦେଶ ଓ ବନ୍ଦର ଦେଶମାନଙ୍କର  ପଦକ୍ଷେପ, ଆନ୍ତର୍ଜାତୀୟ ସ୍ତରରେ ସହମତ ବଜାର ସମ୍ବନ୍ଧୀୟ ପଦକ୍ଷେପ, ଅନୁସନ୍ଧାନ ଏବଂ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ଉପରେ ଧ୍ୟାନ ଦେଇଥାଏ । ଏଥିରେ ବିକାଶଶୀଳ ଦେଶଗୁଡିକର ସ୍ୱତନ୍ତ୍ର ଆବଶ୍ୟକତା ଉପରେ ବିବେଚନା କରାଯାଇଛି ଓ ବିବରଣୀର ଆବଶ୍ୟକତା ଏବଂ ଏଫ ଏ ଓ ର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି  ।

## ବିଷୟବସ୍ତୁ

ପୃଷ୍ଠା


| | | |
|---|---|---|
| I. | ପରିଚୟ | 1 |
| II. | ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ପ୍ରକୃତି, ପରିସର ଏବଂ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା | 2 |
| III. | ଉଦ୍ଦେଶ୍ୟ ଏବଂ ସିଦ୍ଧାନ୍ତ | 4 |
| IV. | ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପଦକ୍ଷେପଗୁଡ଼ିକୁ  କାର୍ଯ୍ୟକାରୀ କରିବା | 5 |
| V. | ବିକାଶଶୀଳ  ଦେଶଗୁଡ଼ିକର ସ୍ୱତନ୍ତ୍ର ଆବଶ୍ୟକତା | 22 |
| VI। | ବିବରଣୀ  ପ୍ରକ୍ରିୟା | 23 |
| VII | ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ଭୂମିକା | 24 |

## I. ପରିଚୟ

୧. ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଆଚରଣ ସଂହିତା ଏବଂ ସ୍ଥାୟୀ ମତ୍ସ୍ୟବୃତ୍ତିର ସାମଗ୍ରିକ ଉଦ୍ଦେଶ୍ୟ ପ୍ରସଙ୍ଗରେ, ବିଶ୍ୱ ମତ୍ସ୍ୟ ଉତ୍ପାଦନରେ ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ (ଆଇ ୟୁ ୟୁ) ମତ୍ସ୍ୟବୃତ୍ତି ଏକ ଗମ୍ଭୀର ଏବଂ ଉଦବେଗଜନକ ପ୍ରସଙ୍ଗ ଅଟେ । ଆଇ ୟୁ ୟୁ ମତ୍ସ୍ୟବୃତ୍ତି, ବାଣିଜ୍ୟ ଉଦ୍ଦେଶ୍ୟରେ ଧରାଯାଉଥିବା ମତ୍ସ୍ୟର ସଂରକ୍ଷଣ ଏବଂ ପରିଚାଳନା ପାଇଁ ହେଉଥିବା ପ୍ରୟାସକୁ କ୍ଷୁର୍ଣ କରିଥାଏ । ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ସମ୍ମୁଖୀନ ହେଲେ, ଜାତୀୟ ଏବଂ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ପରିଚାଳନା ଲକ୍ଷ୍ୟ ହାସଲ କରିବାରେ ବିଫଳ ହୋଇଥାନ୍ତି । ଏହି ପରିସ୍ଥିତି ଉଭୟ ସ୍ୱଳ୍ପ ଏବଂ ଦୀର୍ଘସ୍ଥାୟୀ ସାମାଜିକ ଏବଂ ଅର୍ଥନୈତିକ ସୁଯୋଗ ହରାଇବା ସହ ଖାଦ୍ୟ ସୁରକ୍ଷା ଏବଂ ପରିବେଶ ସୁରକ୍ଷା ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଆଇ ୟୁ ୟୁ ମତ୍ସ୍ୟବୃତ୍ତି ସମଗ୍ର ମତ୍ସ୍ୟ ଉତ୍ପାଦନର ପତନ ଘଟାଇଥାଏ ଏବଂ ପୂର୍ବରୁ ହ୍ରାସ ପାଇଥିବା ମତ୍ସ୍ୟ ଭଣ୍ଡାର ର ପୁନରାବର୍ତ୍ତନ ପାଇଁ ପ୍ରୟାସକୁ ବହୁ ଭାବରେ ବାଧା ଦେଇଥାଏ । ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ସମ୍ବୋଧିତ କରୁଥିବା ବର୍ତ୍ତମାନର ଆନ୍ତର୍ଜାତୀୟ ଉପକରଣଗୁଡିକ, ରାଜନୈତିକ ଇଚ୍ଛାଶକ୍ତି, ପ୍ରାଥମିକତା ଏବଂ ଏଗୁଡିକୁ ଅନୁମୋଦନ କରିବା ବା ଏଥିରେ ସମ୍ମତ ହେବା ପାଇଁ ଆବଶ୍ୟକ ଥିବା କ୍ଷମତା ଏବଂ ସମ୍ବଳର ଅଭାବରେ ଏଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଭାବଶାଳୀ ହୋଇ ପାରନ୍ତି ନାହିଁ ।

୧୯୯୯ ମସିହା ଫେବୃୟାରୀ ମାସରେ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନ (ଏଫ ଏ ଓ )ର ମତ୍ସ୍ୟକମିଟି (ସି ଓ ଏଫ ଆଇ )ର ୨୩ତମ ଅଧିବେଶନ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବାର ଆବଶ୍ୟକତାକୁ ସମାଧାନ କରିଥିଲା । ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ବୃଦ୍ଧି କରୁଥିବା ବିଷୟରେ ସୂଚୀତ କରୁଥିବା କିଛି ସୂଚନା ପାଇଁ କମିଟି ଚିନ୍ତିତ ଥିଲା, ଯେଉଁଥିରେ ମତ୍ସ୍ୟ ଉତ୍ପାଦନ କରୁଥିବା ଜାହାଜ ଗୁଡିକରେ "ଅନୁମୋଦନ ପତାକା" ଉଡୁଥିବା ବିଷୟ ଅନ୍ତର୍ଭୁକ୍ତ । ଏହାର ଅଳ୍ପ କିଛିଦିନ ପରେ, ୧୯୯୯ ମସିହା ମାର୍ଚ୍ଚ ମାସରେ ବିଶ୍ୱ ଖାଦ୍ୟ ଓ କୃଷି ସଂଗଠନର ମନ୍ତ୍ରୀସ୍ତରୀୟ ମତ୍ସ୍ୟବୃତ୍ତି ବୈଠକ ଘୋଷଣା କଲା ଯେ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ଦେଶଗୁଡିକ , ଏଫ ଏ ଓ, ସଂପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂସ୍ଥା ଏବଂ ଅନ୍ୟାନ୍ୟ ସଂପୃକ୍ତ ଆନ୍ତର୍ଜାତୀୟ ଏଜେନ୍ସି ଯଥା ଆନ୍ତର୍ଜାତୀୟ ସାମୁଦ୍ରିକ ସଂଗଠନ (ଆଇ ଏମ ଓ) ସହଯୋଗରେ, ଆଚରଣ ସଂହିତାର ଧାରା ୪ ରେ ପ୍ରଦାନ କରାଯାଇଥିବା ନିୟମ ଅନୁଯାୟୀ ଦେଶଗୁଡ଼ିକର ଅଧିକାର ଏବଂ ଦାୟିତ୍ୱବୋଧର ପ୍ରତିବାଦ ନକରି, ଏଫ ଏ ଓ ସମସ୍ତ ପ୍ରକାରର "ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତି" ବିଶେଷକରି ବେଆଇନ ଭାବରେ "ଅନୁମୋଦିତ" ଜାହାଜଗୁଡିକର କାର୍ଯ୍ୟକଳାପର ମୁକାବିଲାକୁ ପ୍ରଭାବଶାଳୀ କରିବାପାଇଁ ଏକ ବିଶ୍ୱସ୍ତରୀୟ ଯୋଜନା ପ୍ରସ୍ତୁତ କରିବା ଉଚିତ । ଅଷ୍ଟ୍ରେଲିଆ ସରକାର, ଏଫ ଏ ଓ ସହଯୋଗରେ, ୨୦୦୦ ମସିହା ମଇ ମାସ ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆର ସିଡନୀରେ ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟସଂଗ୍ରହ ଉପରେ ଏକ ବିଶେଷଜ୍ଞ ପରାମର୍ଶ କର୍ମଶାଳାର ଆୟୋଜନ କରିଥିଲେ । ପରବର୍ତ୍ତୀ ସମୟରେ ୨୦୦୦ ମସିହା ଅକ୍ଟୋବର ମାସ ୨ ରୁ

୬ ତାରିଖ ପର୍ଯ୍ୟନ୍ତ ରୋମରେ ବେଆଇନ, ଅଘୋଷିତ ଏବଂ ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତି ଉପରେ ଏଫ ଏ ଓ ର ବୈଷୟିକ ପରାମର୍ଶ ସଭା ଅନୁଷ୍ଠିତ ହୋଇଥିଲା ଏବଂ ୨୦୦୧ ମସିହା ଫେବୃୟାରୀ ମାସ ୨୨ ରୁ ୨୩ ତାରିଖ ପର୍ଯ୍ୟନ୍ତ ରୋମରେ ପୁଣି ଏକ ବୈଷୟିକ ପରାମର୍ଶ ସଭା ଅନୁଷ୍ଠିତ ହୋଇଥିଲା । ୨୦୦୧ ମସିହା ଫେବୃୟାରୀ ମାସ ୨୩ ତାରିଖରେ ଆଉ ଏକ ପରାମର୍ଶ ବୈଠକରେ ବେଆଇନ, ଅଘୋଷିତ ତଥା ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ ଏବଂ ହଟାଇବା ପାଇଁ ଆନ୍ତର୍ଜାତୀୟ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯାହାକୁ  ସି ଓ ଏଫ ଆଇ ର ୨୪ତମ ଅଧିବେଶନରେ ବିଚାର ଏବଂ ଗ୍ରହଣ ପାଇଁ ଦାଖଲ କରିବାକୁ ଅନୁରୋଧ କରାଯାଇଥିଲା । ୨୦୦୧ ମସିହା ମାର୍ଚ୍ଚ ମାସ  ୨ ତାରିଖରେ ସହମତି ଭିତ୍ତିରେ ସି ଓ ଏଫ ଆଇ  ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନାକୁ ଅନୁମୋଦନ କରିଥିଲା । ଏହିପରି ଭାବରେ କମିଟି ସମସ୍ତ ସଦସ୍ୟଙ୍କୁ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲା।

II. ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ପ୍ରକୃତି, ପରିସର ଏବଂ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା

3. ନିମ୍ନ ଲିଖିତ ବିଷୟ ଗୁଡିକ ଏହି ପୁସ୍ତକଟିର ଅନ୍ତର୍ଭୁକ୍ତ:

3.1 ବେଆଇନ  ମତ୍ସ୍ୟ କାର୍ଯ୍ୟକଳାପକୁ ବୁଝାଉଥିବା ବିଷୟ ଗୁଡିକ ହେଲା:

3.1.1 ଏକ ଦେଶର ଅନୁମତି ବିନା କିମ୍ବା ଏହାର ଆଇନ ଏବଂ ନିୟମ ଉଲ୍ଲଂଘନ କରି ସେହି ଦେଶ ଅଧୀନରେ ଥିବା ସାମୁଦ୍ରିକ ଜଳରାଶି ରେ ଜାତୀୟ କିମ୍ବା ବିଦେଶୀ ଜାହାଜ ଗୁଡିକ ପରିଚାଳିତ ହେବା ତଥା;

3.1.2 ଯେଉଁ ଜାହାଜଗୁଡ଼ିକ କୌଣସି ଦେଶର ପତାକା ଉଡାଉଥାନ୍ତି ଏବଂ ଏକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନର ସଦସ୍ୟ ହୋଇଥାଇ ମଧ ସେହି ସଂଗଠନ ଦ୍ୱାରା ଗ୍ରହଣ କରାଯାଇଥିବା ସଂରକ୍ଷଣ ଏବଂ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷେପଗୁଡିକୁ ଉଲ୍ଲଂଘନ କରି କାର୍ଯ୍ୟ କରିଥାନ୍ତି ଏବଂ ଯେଉଁଠି ଦେଶଗୁଡିକ ଆନ୍ତର୍ଜାତୀୟ ସ୍ତରର ପ୍ରଯୁଜ୍ୟ ନିୟମାବଳୀ ପାଳନ କରିବାପାଇଁ ବାଧ୍ୟ ଅଟନ୍ତି; କିମ୍ବା

3.1.3 ଜାତୀୟ ଆଇନ କିମ୍ବା ବାଧ୍ୟତାମୂଳକ ଆନ୍ତର୍ଜାତୀୟ ନିୟମକୁ ଉଲଂଘନ କରିବା ସମେତ ଏକ ପ୍ରଯୁଜ୍ୟ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନକୁ ସହଯୋଗ କରୁଥିବା ଦେଶଗୁଡିକ ଦ୍ୱାରା ନିଆଯାଇଥିବା ନିୟମକୁ ଉଲ୍ଲଂଘନ କରିବା।

3.2 ଅଘୋଷିତ ମତ୍ସ୍ୟ କାର୍ଯ୍ୟକଳାପ ଗୁଡିକ ହେଲା:

3.2.1 ଯାହା ଜାତୀୟ ଆଇନ ଏବଂ ନିୟମ ଉଲ୍ଲଂଘନ କରି ସମ୍ପୃକ୍ତ ଜାତୀୟ କର୍ତ୍ତୃପକ୍ଷଙ୍କୁ ବିବରଣୀ ଦିଆଯାଇ ନଥାଏ  କିମ୍ବା ପ୍ରତିବାଦିତ ତଥ୍ୟ ଦିଆଯାଇଥାଏ  କିମ୍ବା

3.2.2 ସଂପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନର ଦକ୍ଷତା ଆଧାରରେ ପ୍ରସ୍ତୁତ ହୋଇଥିବା ବିବରଣୀ ଯାହାକି ଜାତୀୟ ଆଇନ ଏବଂ ନିୟମ ଉଲ୍ଲଂଘନ କରି ସେହି ସଂସ୍ଥାର ବିବରଣୀ ପ୍ରକ୍ରିୟାକୁ ପ୍ରତିବାଦ କରି ସମ୍ପୃକ୍ତ ଜାତୀୟ କର୍ତ୍ତୃପକ୍ଷଙ୍କୁ ତଥ୍ୟ ଦିଆ ଯାଇନଥାଏ ବା ଭୁଲ ତଥ୍ୟ ଦିଆ ଯାଇଥାଏ ।

3.3 ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତି ଗୁଡ଼ିକହେଲା:

3.3.1 ଏକ ପ୍ରାସଙ୍ଗିକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା କୌଣସି ଦେଶର ପରିଚୟ ବିନା ପରିଚାଳିତ ଜାହାଜ କିମ୍ବା ସେହି ସଂଗଠନର ସପକ୍ଷରେ ନଥିବା ଦେଶର ପତାକା ଉଡ଼ାଉଥିବା କିମ୍ବା ସେହି ସଂସ୍ଥାର ସଂରକ୍ଷଣ ଏବଂ ପରିଚାଳନା ବ୍ୟବସ୍ଥା ଇତ୍ୟାଦିକୁ ଉଲଂଘନ କରି ପ୍ରବେଶ କରୁଥିବା ଜାହାଜ; କିମ୍ବା

3.3.2 କୌଣସି ଅଞ୍ଚଳ କିମ୍ବା ମତ୍ସ୍ୟ ଭଣ୍ଡାର ଗୁଡ଼ିକରେ ଯେଉଁଠାରେ କୌଣସି ପ୍ରଯୁଜ୍ୟ ସଂରକ୍ଷଣ କିମ୍ବା ପରିଚାଳନା ବ୍ୟବସ୍ଥା ନାହିଁ ଏବଂ ଯେଉଁଠାରେ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ସଂପୃକ୍ତ ଦେଶର ଜୀବନ୍ତ ସାମୁଦ୍ରିକ ଉତ୍ସଗୁଡ଼ିକର ସଂରକ୍ଷଣ ପାଇଁ ରାଷ୍ଟ୍ରୀୟ ଦାୟିତ୍ୱବୋଧକୁ ଉଲଂଘନ କରି ମତ୍ସ୍ୟବୃତ୍ତି କାର୍ଯ୍ୟକଳାପ ପରିଚାଳନା କରିବା।

3.4 ଅନୁଚ୍ଛେଦ ୩.୩ କୁ ପ୍ରତିହତ ନକରି, କିଛି ଅନିୟନ୍ତ୍ରିତ ମତ୍ସ୍ୟବୃତ୍ତି ଏପରି ଢଙ୍ଗରେ ହୋଇପାରେ ଯାହା ପ୍ରଯୁଜ୍ୟ ଆନ୍ତର୍ଜାତୀୟ ନିୟମର ଉଲ୍ଲଂଘନ ନୁହେଁ ଏବଂ ଆନ୍ତର୍ଜାତୀୟ କାର୍ଯ୍ୟ ଯୋଜନା (ଆଇ ପି ଓ ଏ) ଅଧୀନରେ ଧାର୍ଯ୍ୟ କରାଯାଇଥିବା ପଦକ୍ଷେପଗୁଡିକର ପ୍ରୟୋଗ ଆବଶ୍ୟକ କରେ ନାହିଁ ।

4. ଆଇ ପି ଓ ଏ ସ୍ୱେଚ୍ଛାକୃତ ଅଟେ । ଏହା ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଏଫ ଏ ଓ ଆଚରଣ ସଂହିତା ଢାଞ୍ଚା ଭିତରେ ବିସ୍ତୃତ ଭାବେ ଧାରା ୨(ଡି) ଅଧୀନରେ ବର୍ଣ୍ଣନା କରାଯାଇଛି ।

5. ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଏଫ ଏ ଓ ଆଚରଣ ସଂହିତା, ବିଶେଷ ଭାବରେ ଧାରା ୧.୧, ୧.୨, ୩.୧ ଏବଂ ୩.୨ ଏହି ଆଇ ପି ଓ ଏ ର ବ୍ୟାଖ୍ୟା, ପ୍ରୟୋଗ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ଉପକରଣ ସହିତ ଏହାର ସମ୍ପର୍କ ପାଇଁ ପ୍ରଯୁଜ୍ୟ । ଆଇ ପି ଓ ଏ ମଧ୍ୟ ଆଚରଣ ସଂହିତା ଅନୁଯାୟୀ ମାଛଧରା ସଂସ୍ଥାଗୁଡ଼ିକ ପାଇଁ ଉପଯୁକ୍ତ ଭାବରେ ନିର୍ଦ୍ଦେଶିତ । ଆଇ ପି ଓ ଏ, ମତ୍ସ୍ୟ ଉତ୍ପାଦନର ନିର୍ଦ୍ଦିଷ୍ଟ ପ୍ରସଙ୍ଗଗୁଡିକର ସମାଧାନ ଦେଇଥାଏ ଏବଂ ଏଥିରେ ଏପରି କିଛି ନାହିଁ ଯାହା କି ଅନ୍ୟ ଗୋଷ୍ଠୀ ମଞ୍ଚରେ ଦେଶଗୁଡିକର ସ୍ଥିତିକୁ ଖରାପ କରିଥାଏ ।

6. ଏହି ପୁସ୍ତକଟିର ବିଷୟବସ୍ତୁ ଗୁଡିକ ହେଲା:

(କ) ଦେଶଗୁଡିକର ସନ୍ଦର୍ଭରେ ସେମାନଙ୍କ ଦକ୍ଷତା କ୍ଷମତା ଅନୁସାରେ ଆଞ୍ଚଳିକ ଅର୍ଥନୈତିକ ଏକୀକରଣ;

(ଖ) "ଆଞ୍ଚଳିକ ଶବ୍ଦ" ଉପଯୁକ୍ତ ଭାବେ ଉପଖଣ୍ଡକୁ ଅନ୍ତର୍ଭୂକ୍ତ କରେ;

(ଗ) ଶବ୍ଦ "ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ" ର ଅର୍ଥ ହେଉଛି ଏକ ଅନ୍ତର୍ଶାସକୀୟ ମତ୍ସ୍ୟ ସଂଗଠନ କିମ୍ବା ବ୍ୟବସ୍ଥା, ଯାହାର ମତ୍ସ୍ୟ ସଂରକ୍ଷଣ ଏବଂ ପରିଚାଳନା ବ୍ୟବସ୍ଥା ପ୍ରତିଷ୍ଠା କରିବାର କ୍ଷମତା ଥାଏ;

(ଘ) ଶବ୍ଦ "ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପ" ର ଅର୍ଥ ହେଉଛି ଏକ କିମ୍ବା ଏକାଧିକ ପ୍ରଜାତିର ଜୀବନ୍ତ ସାମୁଦ୍ରିକ ସମ୍ବଳଗୁଡିକର ସଂରକ୍ଷଣ ପାଇଁ ପଦକ୍ଷେପ ଯାହା ଆନ୍ତର୍ଜାତୀୟ ଆଇନର ଅନ୍ତର୍ଭୂକ୍ତ ନିୟମ ସହିତ ଗ୍ରହଣୀୟ ଏବଂ ପ୍ରୟୋଗନୀୟ;

(ଚ) ଶବ୍ଦ "୧୯୮୨ ମିଳିତ ଜାତିସଂଘ ସମ୍ମିଳନୀ" ୧୯୮୨ ମସିହା ଡିସେମ୍ବର ୧୦ ତାରିଖରେ ହୋଇଥିବା 'ସମୁଦ୍ର ଆଇନ' ଉପରେ ମିଳିତ ଜାତିସଂଘର ସମ୍ମିଳନୀକୁ ବୁଝାଏ;

(ଛ) ଶବ୍ଦ "୧୯୯୩ ଏଫ ଏ ଓ ଅନୁପାଳନ ଚୁକ୍ତି" ଗଭୀର ସମୁଦ୍ରର ମାଛ ଧରା ଜାହାଜ ଦ୍ୱାରା ଆନ୍ତର୍ଜାତୀୟ ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପ ସହିତ ଅନୁପାଳନକୁ ପ୍ରୋତ୍ସାହିତ କରିବା ଚୁକ୍ତିନାମାକୁ ସୂଚିତ କରେ, ଯାହାକି ଏଫ ଏ ଓ ସମ୍ମିଳନୀ ଦ୍ୱାରା ୧୯୯୩ ମସିହା ନଭେମ୍ବର ୨୪ ତାରିଖରେ ଅନୁମୋଦିତ ହୋଇଥିଲା ।

(ଜ) "୧୯୯୫ ମିଳିତ ଜାତିସଂଘର ମତ୍ସ୍ୟଭଣ୍ଡାର ଚୁକ୍ତିନାମା" ଶବ୍ଦ ୧୦ ଡିସେମ୍ବର ୧୯୮୨ ମସିହାର 'ସମୁଦ୍ର ଆଇନ' ଉପରେ ମତ୍ସ୍ୟ ଭଣ୍ଡାର ସଂରକ୍ଷଣ ଏବଂ ପରିଚାଳନା ସମ୍ବଧିତ ମିଳିତ ଜାତିସଂଘର ସମ୍ମିଳନୀର କାର୍ଯ୍ୟକାରିତା ପାଇଁ ହୋଇଥିବା ଚୁକ୍ତିନାମାକୁ ବୁଝାଏ ଏବଂ;

(ଝ) "ଆଚରଣ ସଂହିତା" ଶବ୍ଦଟି ଦାୟିତ୍ୱ ସମ୍ପନ୍ନ ମତ୍ସ୍ୟ ଉତ୍ପାଦନ ପାଇଁ ଏଫ ଏ ଓ ଆଚରଣ ସଂହିତାକୁ ବୁଝାଏ ।

7. ଏହି ପୁସ୍ତକଟି ହେଉଛି ଆଚରଣ ସଂହିତା କାର୍ଯ୍ୟକାରୀ କରିବା ପାଇଁ ଦେଶ ମାନଙ୍କର ଏକ ସମ୍ମତି ପତ୍ର ।

## III. ଉଦ୍ଦେଶ୍ୟ ଏବଂ ସିଦ୍ଧାନ୍ତ ସମୂହ

୮. ଆଇ ପି ଓ ଏ ର ଉଦ୍ଦେଶ୍ୟ ହେଉଛି ସମସ୍ତ ଦେଶଗୁଡିକୁ ବ୍ୟାପକ, ପ୍ରଭାବଶାଳୀ ଏବଂ ସ୍ୱଚ୍ଛ କରାଇ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା, ଯାହା ଦ୍ୱାରା ଆନ୍ତର୍ଜାତୀୟ ଆଇନ ଅନୁଯାୟୀ ପ୍ରତିଷ୍ଠିତ ଉପଯୁକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମାଧ୍ୟମରେ କାର୍ଯ୍ୟ କରାଯିବା ।

9. ନିମ୍ନଲିଖିତ ସିଦ୍ଧାନ୍ତ ଏବଂ କୌଶଳ ଗୁଡ଼ିକ , ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆଇ ପି ଓ ଏ ର ଅନ୍ତର୍ଭୁକ୍ତ ଅଟେ । ଆଚରଣ ସଂହିତା ର ଧାରା ୫ ଅନୁଯାୟୀ ବିକାଶଶୀଳ ଦେଶଗୁଡ଼ିକର ବିଶେଷ ଆବଶ୍ୟକତାକୁ ଧ୍ୟାନ ଦେବା ଉଚିତ ଅଟେ ।

9.1 ଭାଗିଦାରୀ ଏବଂ ସମନ୍ୱୟ: ସମ୍ପୂର୍ଣ୍ଣ ପ୍ରଭାବଶାଳୀ ହେବା ପାଇଁ, ଆଇ ପି ଓ ଏ, ସମସ୍ତ ଦେଶଗୁଡିକ ଦ୍ୱାରା ପ୍ରତ୍ୟକ୍ଷରେ, ଅନ୍ୟ ଦେଶମାନଙ୍କ ସହଯୋଗରେ କିମ୍ବା ପରୋକ୍ଷରେ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ କିମ୍ବା ଏଫ ଏ ଓ ଏବଂ ଅନ୍ୟାନ୍ୟ ଉପଯୁକ୍ତ ଆନ୍ତର୍ଜାତୀୟ ସଂଗଠନ ମାଧ୍ୟମରେ କାର୍ଯ୍ୟକାରୀ ହେବା ଉଚିତ । ସଫଳ କାର୍ଯ୍ୟାନ୍ୱୟନର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି ଘନିଷ୍ଠ ଏବଂ ପ୍ରଭାବଶାଳୀ ସମନ୍ୱୟ ଓ ପରାମର୍ଶ ଏବଂ ଦେଶ ତଥା ସମ୍ପୃକ୍ତ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସଂଗଠନ ମଧ୍ୟରେ ଆଇ ୟୁ ୟୁ ମତ୍ସ୍ୟଜୀବୀଙ୍କ ସଂଖ୍ୟା ହ୍ରାସ କରିବା ପାଇଁ ସୂଚନା ବାଣ୍ଟିବା । ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ମୁକାବିଲା ପାଇଁ ଶିଳ୍ପ, ମତ୍ସ୍ୟଜୀବୀ ସମ୍ପ୍ରଦାୟ ଏବଂ ବେସରକାରୀ ସଂଗଠନ ସମେତ ହିତାଧିକାରୀମାନଙ୍କର ସମ୍ପୂର୍ଣ୍ଣ ଅଂଶଗ୍ରହଣକୁ ଉତ୍ସାହିତ କରାଯିବା ଉଚିତ ।

9.2 ପର୍ଯ୍ୟାୟ କାର୍ଯ୍ୟକାରିତା: ଆଇ ୟୁ ୟୁ ମତ୍ସ୍ୟଜୀବୀଙ୍କୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପଦକ୍ଷେପଗୁଡିକ ଜାତୀୟ କାର୍ଯ୍ୟ ଯୋଜନାଗୁଡିକର ପ୍ରାଥମିକ ପର୍ଯ୍ୟାୟ କାର୍ଯ୍ୟକାରିତା ଏବଂ ଆଇ ପି ଓ ଏ ଅନୁଯାୟୀ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ କାର୍ଯ୍ୟ ଉପରେ ଆଧାରିତ ହେବା ଉଚିତ ।

9.3 ବିସ୍ତୃତ ଏବଂ ସମନ୍ୱିତ ପ୍ରଣାଳୀ: ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପଦକ୍ଷେପଗୁଡିକ ସମସ୍ତ ମାଛ ଧରା ବୃତ୍ତିକୁ ପ୍ରଭାବିତ କରୁଥିବା କାରକଗୁଡିକୁ ସମାଧାନ କରିବା ଉଚିତ । ଏହିପରି ଆଭିମୁଖ୍ୟ ଗ୍ରହଣ କରିବା ସମୟରେ, ଦେଶଗୁଡିକ ଫ୍ଲାଗ ଦେଶ ଗୁଡିକର ପ୍ରାଥମିକ ଦାୟିତ୍ୱ ଉପରେ ନିର୍ଭରଶୀଳ ପଦକ୍ଷେପ ଗ୍ରହଣ କରିବା ଉଚିତ ଏବଂ ବନ୍ଦର ଦେଶର ନିୟମ, ଉପକୂଳବର୍ତ୍ତୀ ଦେଶମାନଙ୍କର ନିୟମ, ବଜାର ସମ୍ବନ୍ଧୀୟ ନିୟମ ଏବଂ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ନିଶ୍ଚିତ ବିରୋଧ କରୁଥିବା ଦେଶମାନଙ୍କୁ ସପକ୍ଷ କରି ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ସମସ୍ତ ଉପଲବ୍ଧ ଅଧିକାରକୁ ବ୍ୟବହାର କରିବା ଉଚିତ । ଉପଯୁକ୍ତ ସ୍ଥାନରେ ଏହି ସମସ୍ତ ପଦକ୍ଷେପକୁ ବ୍ୟବହାର କରିବା ପାଇଁ ଏବଂ ଏକ ସମନ୍ୱିତ ଢଙ୍ଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ ଓ ଦେଶମାନଙ୍କୁ ନିଶ୍ଚିତ ଭାବେ ସହଯୋଗ କରିବାକୁ ଉତ୍ସାହିତ କରାଯିବା ଉଚିତ । ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ସମସ୍ତ ଅର୍ଥନୈତିକ, ସାମାଜିକ ଏବଂ ପରିବେଶ ଉପରେ ଥିବା ପ୍ରଭାବକୁ ଏହି କାର୍ଯ୍ୟ ଯୋଜନା ସମାଧାନ କରିଥାଏ ।

9.4 ସଂରକ୍ଷଣ: ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପଦକ୍ଷେପଗୁଡିକ ମତ୍ସ୍ୟ ଭଣ୍ଡାରର ସଂରକ୍ଷଣ ଏବଂ ଦୀର୍ଘକାଳୀନ ସ୍ଥାୟୀ ବ୍ୟବହାର ଏବଂ ପରିବେଶର ସୁରକ୍ଷା ସହିତ ସମାନ ହେବା ଉଚିତ ।

9.5 ସ୍ୱଚ୍ଛତା: ଆଚରଣ ସଂହିତାର ଧାରା ୬.୧୩ ଅନୁଯାୟୀ ଆଇ ପି ଓ ଏ କୁ ସ୍ୱଚ୍ଛ ଢଙ୍ଗରେ କାର୍ଯ୍ୟକାରୀ କରାଯିବା ଉଚିତ ।

୨.6 ନିରପେକ୍ଷତା: ଆଇ ପି ଓ ଏ ର ବିକାଶ ଏବଂ ଯେକୌଣସି ରାଷ୍ଟ୍ର କିମ୍ବା ଏହାର ମତ୍ସ୍ୟପୋତ ବିରୁଦ୍ଧରେ ଏହାକୁ ନିରପେକ୍ଷ ପ୍ରଣାଳୀରେ ପ୍ରୟୋଗ କରାଯିବା ଉଚିତ ।

**IV.** ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପ୍ରୟୋଗ ହେଉଥିବା କୌଶଳ

**ରାଷ୍ଟ୍ର ସମୂହର ଦାଇତ୍ୱ**

***ଆନ୍ତର୍ଜାତୀୟ ଉପକରଣ***

10. ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆନ୍ତର୍ଜାତୀୟ ଆଇନର ପ୍ରଯୁଜ୍ୟ ନିୟମଗୁଡିକୁ (ଯେପରିକି ୧୯୮୨ ମସିହାର ମିଳିତ ଜାତିସଂଘ ସମ୍ମିଳନୀରେ ପ୍ରତିଫଳିତ ହୋଇଥିବା ନିୟମଗୁଡିକ) ଦେଶଗୁଡିକ ସମ୍ପୂର୍ଣ୍ଣ ଗୁରୁତ୍ୱ ଦେବା ଉଚିତ ।

11. ୧୯୮୨ ମସିହାର ମିଳିତ ଜାତିସଂଘର ସମ୍ମିଳନୀ, ୧୯୯୫ ମସିହାର ମିଳିତ ଜାତିସଂଘର ମତ୍ସ୍ୟ ଭଣ୍ଡାର ଚୁକ୍ତିନାମା ଏବଂ ୧୯୯୩ ମସିହାର ଏଫ ଏ ଓ ଚୁକ୍ତିନାମାକୁ ଅନୁମୋଦନ, ସଂଶୋଧନ କିମ୍ବା ଗ୍ରହଣ କରିବାକୁ ଦେଶଗୁଡିକ ପ୍ରାଥମିକତା ଭିତ୍ତିରେ ଗୁରୁତ୍ୱ ଦେବା ଉଚିତ । ଯେଉଁ ଦେଶଗୁଡିକ, ପ୍ରଯୁଜ୍ୟ ଆନ୍ତର୍ଜାତୀୟ ନିୟମଗୁଡ଼ିକୁ ଅନୁମୋଦନ କିମ୍ବା ଗ୍ରହଣ କରିନାହାଁନ୍ତି, ସେହି ଦେଶ ଗୁଡିକ ଏହି ଉପକରଣଗୁଡ଼ିକ ସହିତ ଅସଙ୍ଗତ ଢଙ୍ଗରେ କାର୍ଯ୍ୟ କରିବା ଉଚିତ ନୁହେଁ ।

12. ଦେଶଗୁଡିକ ଅନୁମୋଦନ କରିଥିବା ଅଥବା ଗ୍ରହଣ କରିଥିବା କିମ୍ବା ସ୍ୱୀକୃତି ଦେଇଥିବା ସମସ୍ତ ପ୍ରାସଙ୍ଗିକ ଆନ୍ତର୍ଜାତୀୟ ମତ୍ସ୍ୟ ଉପକରଣଗୁଡ଼ିକୁ ସମ୍ପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ଉଚିତ ।

13. ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ଦେଶଗୁଡିକର ଅଧିକାର ଏବଂ ଦାୟିତ୍ୱବୋଧକୁ ପ୍ରଭାବିତ କରିବାଭଳି କୌଣସି ବିଷୟ ଆଇ ପି ଓ ଏ ରେ ବୟାନ ହେବା ଉଚିତ ନୁହେଁ । ଆଇ ପି ଓ ଏ ର କୌଣସି ବିଷୟ ୧୯୯୫ ମସିହାର ମିଳିତ ଜାତିସଂଘର ମତ୍ସ୍ୟ ଭଣ୍ଡାର ଚୁକ୍ତିନାମା ଏବଂ ୧୯୯୩ ମସିହାର ଏଫ ଏ ଓ ଅନୁପାଳନ ଚୁକ୍ତିରେ ଥିବା ଅଧିକାର ଏବଂ ଦାୟିତ୍ୱବୋଧକୁ ପ୍ରଭାବିତ କରିବା ଭଳି ବୟାନ କରାଯିବା ଉଚିତ ନୁହେଁ ।

14. ଦେଶମାନେ ଆଚରଣ ସଂହିତା ଏବଂ ଏହାର ସଂପୃକ୍ତ ଆନ୍ତର୍ଜାତୀୟ ଯୋଜନାଗୁଡିକୁ ସମ୍ପୂର୍ଣ୍ଣ ଏବଂ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରିବା ଉଚିତ ।

15. ଉପଯୁକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନର ନିୟନ୍ତ୍ରଣରେ ନଥିବା ଯେ କୌଣସି ଦେଶର ନାଗରିକମାନେ ଯେଉଁମାନେକି ଗଭୀର ସମୁଦ୍ରରେ ମତ୍ସ୍ୟବୃତ୍ତି କରିଥାନ୍ତି, ସେମାନେ ୧୯୮୨ ମସିହାର ମିଳିତ ଜାତିସଂଘ ସମ୍ମିଳନୀର ସପ୍ତମ (୭) ଅଂଶ ଅଧୀନରେ ଥିବା ଦାୟିତ୍ୱଗୁଡିକୁ ସଂପୂର୍ଣ୍ଣ

ରୂପେ କାର୍ଯ୍ୟକାରୀ କରିବା ଉଚିତ, ଯାହା ଗଭୀର ସମୁଦ୍ରର ଜୈବ ସମ୍ପଦ ସଂରକ୍ଷଣ ପାଇଁ ଆବଶ୍ୟକ ଅଟେ।

***ଜାତୀୟ ବିଦ୍ଧି***

**ବିଦ୍ଧି**

16. ଜାତୀୟ ବିଦ୍ଧିଗୁଡିକ ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ସମସ୍ତ ଦିଗକୁ ଏକ ପ୍ରଭାବଶାଳୀ ଉପାୟରେ ସମ୍ବୋଧିତ କରୁଥିବା ଉଚିତ ।

17. ଜାତୀୟ ବିଦ୍ଧିଗୁଡିକ, ସ୍ୱଷ୍ଟ ମାନକ ଏବଂ ଗ୍ରହଣୀୟତା ଏବଂ ଯେଉଁଠାରେ ଦରକାର ଇଲେକ୍ଟ୍ରୋନିକ ପ୍ରମାଣ ଏବଂ ନୂତନ ପ୍ରଯୁକ୍ତିବିଦ୍ୟା ର ବ୍ୟବହାର ସହିତ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ସମ୍ବୋଧିତ କରିବା ଉଚିତ ।

**ନାଗରିକଙ୍କ ଉପରେ ଦେଶର ନିୟନ୍ତ୍ରଣ**

18. ୧୯୮୨ ମସିହା ମିଳିତ ଜାତିସଂଘ ସମ୍ମିଳନୀର ପ୍ରଯୁଜ୍ୟ ନିୟମାବଳୀକୁ ଦୃଷ୍ଟିରେ ରଖି ଏବଂ ଗଭୀର ସମୁଦ୍ରରେ ଫ୍ଲାଗ ଦେଶର ପ୍ରାଥମିକ ଦାୟିତ୍ୱକୁ କ୍ଷୁଣ୍ଣ ନକରି, ପ୍ରତ୍ୟେକ ଦେଶ ଯଥାସମ୍ଭବ ପଦକ୍ଷେପ ଗ୍ରହଣ କରିବା କିମ୍ବା ସହଯୋଗ କରିବା ଉଚିତ । ଯାହାଦ୍ୱାରା ନାଗରିକମାନେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ସମର୍ଥନ କରିବେ ନାହିଁ କିମ୍ବା ସେଥିରେ ଜଡିତ ହେବେ ନାହିଁ | ଯେଉଁ ଜାହାଜର ଚାଳକ କିମ୍ବା ଲାଭାନ୍ୱିତ ହେଉଥିବା ମାଲିକ ମାନେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ଜଡ଼ିତ, ସେହି ନାଗରିକମାନଙ୍କୁ ଚିହ୍ନଟ କରିବା ପାଇଁ ସମସ୍ତ ଦେଶ ସହଯୋଗ କରିବା ଉଚିତ ।

19. ଦେଶଗୁଡିକ ନିଜ ନାଗରିକମାନଙ୍କୁ ଏକ ଦେଶ ଅଧୀନରେ ଥିବା ମତ୍ସ୍ୟଜୀବୀ ଜାହାଜକୁ ଫ୍ଲାଗ୍ କରିବାକୁ ନିରୁତ୍ସାହିତ କରିବା ଉଚିତ ଯେଉଁ ଜାହାଜ ସବୁ ଏହି ଫ୍ଲାଗ ଦେଶର ଦାୟିତ୍ୱ ଗୁଡିକୁ ପାଳନ କରୁନଥାଏ ।

**ଜାତୀୟତା ବିନା ଜାହାଜ**

20. ଜାତୀୟତା ବିନା ଯେଉଁ ମତ୍ସ୍ୟପୋତ ଗୁଡିକ ଗଭୀର ସମୁଦ୍ରରେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ଜଡିତ ସେମାନଙ୍କ ବିରୁଦ୍ଧରେ ଦେଶ ଗୁଡିକ କ୍ରମାଗତ ଭାବରେ ଆନ୍ତର୍ଜାତୀୟ ନିୟମ ସହିତ ସମାନ ହେଉଥିବା ପଦକ୍ଷେପ ଗ୍ରହଣ କରିବା ଉଚିତ ।

**ମଞ୍ଜୁରୀ**

21. ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ଜଡିତ ଥିବା ଜାହାଜଗୁଡ଼ିକୁ ଦେଶଗୁଡିକ ପ୍ରତିବନ୍ଧ ଲଗାଇବା ଉଚିତ ଏବଂ ଯଥା ସମ୍ଭବ ଏହାର ନାଗରିକମାନେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ତଥା ଅପରାଧୀଙ୍କୁ ଏହିପରି ମତ୍ସ୍ୟବୃତ୍ତିରୁ ହେଉଥିବା ଲାଭରୁ ବଞ୍ଚିତ କରିବା ଯଥେଷ୍ଟ

ଗୁରୁତ୍ୱପୂର୍ଣ ଅଟେ । ଏକ ପ୍ରଶାସନିକ ଦଣ୍ଡ ଯୋଜନା ଉପରେ ଆଧାର କରି ଏହା ଗୋଟିଏ ନାଗରିକ ମଞ୍ଜୁରୀ ବ୍ୟବସ୍ଥା ଗ୍ରହଣ କରିପାରେ । ମଞ୍ଜୁରୀ ଗୁଡିକର ନିରନ୍ତର ଏବଂ ସ୍ୱଚ୍ଛ ପ୍ରୟୋଗକୁ ଦେଶଗୁଡିକ ସୁନିଶ୍ଚିତ କରିବା ଉଚିତ ।

**<u>ଅସହଯୋଗୀ ଦେଶ</u>**

22. ଆଇ ୟୁ ୟୁ ମତ୍ସ୍ୟବୃତ୍ତି ସହିତ ଜଡିତ ଏବଂ ଏକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନକୁ ସହଯୋଗ କରୁନଥିବା ଦେଶଗୁଡିକର କାର୍ଯ୍ୟକଳାପକୁ ରୋକିବା, ନିଷେଧ କରିବା ଏବଂ ହଟାଇବା ପାଇଁ ଅନ୍ତଃରାଷ୍ଟ୍ରୀୟ ନିୟମର ଅନୁରୂପ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ।

**<u>ଆର୍ଥିକ ପ୍ରୋତ୍ସାହନ</u>**

23. ଦେଶ ଗୁଡିକ, ସେମାନଙ୍କର ଜାତୀୟ ଆଇନରେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ଜଡିତ କମ୍ପାନୀ, ଜାହାଜ କିମ୍ବା ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ଅନୁଦାନ ପ୍ରଦାନ ନକରିବା ପାଇଁ ଉପାୟ କରିବା ଉଚିତ ।

**<u>ତଦାରଖ , ନିୟନ୍ତ୍ରଣ ଏବଂ ନିରୀକ୍ଷଣ (ଏମ ସି ଏସ)</u>**

24. ଦେଶଗୁଡିକ ମତ୍ସ୍ୟ ଉତ୍ପାଦନ ସମୟରେ ପ୍ରଥମରୁ ଆରମ୍ଭ କରି, ବିକ୍ରୟ ସ୍ଥଳ ତଥା ମାଛ ଧରିବାର ଶେଷ ଗନ୍ତବ୍ୟ ସ୍ଥଳ ପର୍ଯ୍ୟନ୍ତ ତଦାରଖ, ନିୟନ୍ତ୍ରଣ ଏବଂ ନୀରିକ୍ଷଣ (ଏମ ସି ଏସ) କୁ ପ୍ରଭାବଶାଳୀ କରିବା ଉଚିତ, ଯଥା:

24.1 ସାମୁଦ୍ରିକ ଜଳରାଶି ଏବଂ ମତ୍ସ୍ୟ ସମ୍ପଦର ବ୍ୟବହାର ପାଇଁ ସ୍ୱୀକୃତି ପ୍ରାପ୍ତ ଜାହାଜଗୁଡ଼ିକର ବ୍ୟବହାର ଓ ବିକାଶ ପାଇଁ ଯୋଜନାଗୁଡିକ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ;

24.2 ସମସ୍ତ ଜାହାଜଗୁଡିକର ସ୍ଥିତି, ସେମାନଙ୍କର ମାଲିକ ଏବଂ ଚାଳକ ମାନଙ୍କର ମାଛ ଧରିବା ପାଇଁ ସ୍ୱୀକୃତି ଇତ୍ୟାଦି ପଞ୍ଜି ଗୁଡିକ ବଜାୟ ରଖିବା ଉଚିତ;

24.3 ଆବଶ୍ୟକସ୍ଥଳେ ଜାହାଜଗୁଡିକ ସଂପୃକ୍ତ ଜାତୀୟ, ଆଞ୍ଚଳିକ କିମ୍ବା ଆନ୍ତର୍ଜାତୀୟ ମାନକ ଅନୁଯାୟୀ ଏକ ଜାହାଜ ତଦାରଖକାରୀ ତନ୍ତ୍ର (ଭି ଏମ ଏସ) କୁ କାର୍ଯ୍ୟକାରୀ କରିବା ସହ ସେମାନଙ୍କର ଆବଶ୍ୟକତାକୁ ଜାହାଜରେ ବହନ କରିବା ଆବଶ୍ୟକ;

24.4 ଆବଶ୍ୟକ ସ୍ଥଳେ ଜାହାଜ ଗୁଡିକ, ସେମାଙ୍କର ପର୍ଯ୍ୟବେକ୍ଷକ କାର୍ଯ୍ୟକ୍ରମ ଗୁଡିକୁ ସଂପୃକ୍ତ ଜାତୀୟ, ଆଞ୍ଚଳିକ କିମ୍ବା ଆନ୍ତର୍ଜାତୀୟ ମାନକ ଅନୁଯାୟୀ କାର୍ଯ୍ୟକାରୀ କରିବା ସହିତ ସେମାନଙ୍କ ଅଧୀନରେ ଥିବା ଜାହାଜଗୁଡ଼ିକର ପର୍ଯ୍ୟବେକ୍ଷକମାନଙ୍କୁ ଜାହାଜରେ ନେଇ ଯିବା ଆବଶ୍ୟକ;

24.5 ଏମ ସି ଏସ କାର୍ଯ୍ୟରେ ଜଡିତ ସମସ୍ତ ବ୍ୟକ୍ତିଙ୍କୁ ତାଲିମ ଏବଂ ଶିକ୍ଷା ପ୍ରଦାନ କରାଯିବା ଉଚିତ;

24.6 ଯୋଜନା ପ୍ରଣୟନ, ପାଣ୍ଠି ସହାୟତା ଏବଂ ଏମ ସି ଏସ ଅପରେସନ ଏଭଳି ହେବା ଦରକାର ଯାହାଦ୍ୱାରା ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବାର କ୍ଷମତାକୁ ଯଥାସମ୍ଭବ ବଢାଇହେବ;

24.7 ଶିଳ୍ପ ଜ୍ଞାନକୁ ପ୍ରୋତ୍ସାହନ ଦେବା ଏବଂ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଏମ ସି ଏସ କାର୍ଯ୍ୟକଳାପରେ ସହଭାଗୀ ଅଂଶଗ୍ରହଣର ଆବଶ୍ୟକତାକୁ ବୁଝିବା;

24.8 ଜାତୀୟ ନ୍ୟାୟିକ ବ୍ୟବସ୍ଥା ମଧ୍ୟରେ ଏମ ସି ଏସ ପ୍ରସଙ୍ଗଗୁଡ଼ିକର ଜ୍ଞାନ ଏବଂ ବୁଝାମଣାକୁ ପ୍ରୋତ୍ସାହିତ କରିବା;

24.9 ଆବଶ୍ୟକୀୟ ଗୋପନୀୟତାକୁ ଧ୍ୟାନରେ ରଖି ଏମ ସି ଏସ ତଥ୍ୟ ହାସଲ, ସଂରକ୍ଷଣ ଏବଂ ବିସ୍ତାର ପାଇଁ ବ୍ୟବସ୍ଥା ପ୍ରତିଷ୍ଠା ଏବଂ ପରିଚାଳନା କରିବା;

24.10 ରାଷ୍ଟ୍ରୀୟ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଏବଂ ଆବଶ୍ୟକସ୍ଥଳେ, ଆନ୍ତର୍ଜାତୀୟ ନିୟମ ସହିତ ଆନ୍ତର୍ଜାତୀୟ ସ୍ତରରେ ସହମତି ହୋଇଥିବା ଆବାସିକ ଓ ଯାଞ୍ଚ ବ୍ୟବସ୍ଥା, କ୍ୟାପଟେନ ଏବଂ ଯାଞ୍ଚ ଅଧିକାରୀଙ୍କ ଅଧିକାର ଏବଂ ଦାୟିତ୍ୱକୁ ସ୍ୱୀକୃତି ଦେବା ଏବଂ ୧୯୯୫ ମସିହା ମିଳିତ ଜାତିସଂଘର ମତ୍ସ୍ୟ ଭଣ୍ଡାର ଚୁକ୍ତିନାମା ଭଳି କେତେକ ନିର୍ଦ୍ଦିଷ୍ଟ ଆନ୍ତର୍ଜାତୀୟ ଚୁକ୍ତିରେ ଏହିପରି ବ୍ୟବସ୍ଥା ପ୍ରଦାନ କରାଯାଇଥିବା ଉଲ୍ଲେଖ କରିବା ଯାହା କେବଳ ସେହି ଚୁକ୍ତିଗୁଡ଼ିକର ପକ୍ଷମାନଙ୍କ ପାଇଁ ପ୍ରଯୁଜ୍ୟ;

**ଜାତୀୟ କାର୍ଯ୍ୟ ଯୋଜନା**

25. ଆଇ ପି ଓ ଏ ର ଲକ୍ଷ୍ୟ ହାସଲ କରିବା ପାଇଁ ଦେଶଗୁଡିକ ଯଥାଶୀଘ୍ର ଜାତୀୟ କାର୍ଯ୍ୟ ଯୋଜନାର ବିକାଶ ଏବଂ କାର୍ଯ୍ୟକାରୀ କରିବା ଉଚିତ । କିନ୍ତୁ ଏହା ଆଇ ପି ଓ ଏ ଗ୍ରହଣ ହେବାର ତିନି ବର୍ଷ ପରେ ହେବା ଉଚିତ ନୁହେଁ ଏବଂ ସେମାନଙ୍କର ମତ୍ସ୍ୟ ପରିଚାଳନା କାର୍ଯ୍ୟକ୍ରମ ଏବଂ ବଜେଟର ଏହା ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବ୍ୟବସ୍ଥାଗୁଡ଼ିକୁ ପୂର୍ଣ୍ଣ ପ୍ରଭାବ ଦେବା ଉଚିତ । ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନଗୁଡ଼ିକ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଏହି ଯୋଜନାଗୁଡିକ ମଧ୍ୟ ଉପଯୁକ୍ତ ଭାବରେ ଅନ୍ତର୍ଭୁକ୍ତ ହେବା ଉଚିତ । ଏହା କରିବା ଦ୍ୱାରା ଶିଳ୍ପ , ମତ୍ସ୍ୟ ସମ୍ପ୍ରଦାୟ ଏବଂ ବେସରକାରୀ ସଂଗଠନ ସମେତ ସମସ୍ତ ଆଗ୍ରହୀ ହିତାଧିକାରୀଙ୍କ ପୂର୍ଣ୍ଣ ଅଂଶଗ୍ରହଣ ଏବଂ ଯୋଗଦାନକୁ ଦେଶମାନେ ଉତ୍ସାହିତ କରିବା ଉଚିତ ।

26. ଅନ୍ତତଃପକ୍ଷେ ଜାତୀୟ କାର୍ଯ୍ୟ ଯୋଜନା ଗ୍ରହଣ ହେବା ପରେ ପ୍ରତ୍ୟେକ ଚାରି ବର୍ଷରେ ଦେଶମାନେ ସେମାନଙ୍କର ଏହି ଯୋଜନାଗୁଡିକର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ଉଚିତ ଯାହାଦ୍ୱାରା ଏହାର ପ୍ରଭାବ ବୃଦ୍ଧି ପାଇଁ ବ୍ୟୟ-ସଙ୍ଗତ କୌଶଳକୁ ଚିହ୍ନଟ କରାଯାଇପାରିବ ଏବଂ ଆଇ ପି ଓ ଏ ର ଧାରା ୬ ଅଧୀନରେ ଏଫ ଏ ଓ କୁ ସେମାନଙ୍କର ବିବରଣୀ କରିବାର ଦାୟିତ୍ୱ ପ୍ରତି ମଧ୍ୟ ଧ୍ୟାନ ଦିଆଯାଇପାରିବ ।

27. ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆଭ୍ୟନ୍ତରୀଣ ଭାବରେ ଜାତୀୟ ପ୍ରୟାସ ଜାରି ରହିଛି ବୋଲି ଦେଶଗୁଡିକ ସୁନିଶ୍ଚିତ କରିବା ଉଚିତ ।

**ଦେଶଗୁଡିକ ମଧ୍ୟରେ ସହଯୋଗ**

28. ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଦେଶଗୁଡିକ ନିଜ ନିଜ ଭିତରେ ସିଧାସଳଖ ସହଯୋଗ ଭାବରେ କିମ୍ବା ଆବଶ୍ୟକସ୍ଥଳେ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମାଧ୍ୟମରେ ସେମାନଙ୍କର କାର୍ଯ୍ୟକଳାପକୁ ସମନ୍ୱିତ କରିବା ଉଚିତ ।

ବିଶେଷ ଭାବରେ, ଦେଶ ଗୁଡିକ:

28.1 ଆବଶ୍ୟକୀୟ ଗୋପନୀୟତାକୁ ଧ୍ୟାନରେ ରଖି, ନିର୍ଦ୍ଦିଷ୍ଟ ସୂଚନା ଧାରା ଅନୁସାରେ ତଥ୍ୟର ଆଦାନ ପ୍ରଦାନ କରିବା ଏବଂ ମାଛ ଧରିବା ପାଇଁ ସେମାନଙ୍କ ଅନୁମୋଦିତ ଜାହାଜଗୁଡିକର ପଞ୍ଜି ଇତ୍ୟାଦିକୁ ପ୍ରଦାନ କରିବା;

28.2 ପ୍ରଭାବଶାଳୀ ଅଧିଗ୍ରହଣ, ପରିଚାଳନା ଏବଂ ମତ୍ସ୍ୟବୃତ୍ତିର ସମସ୍ତ ପ୍ରଯୁଜ୍ୟ ତଥ୍ୟ ଏବଂ ତଥ୍ୟର ଯାଞ୍ଚରେ ସହଯୋଗ କରିବା ଉଚିତ;

28.3 ସେମାନଙ୍କର ସମ୍ପୃକ୍ତ ଏମ ସି ଏସ ଅଭ୍ୟାସକାରୀ କିମ୍ବା କାର୍ଯ୍ୟନିର୍ବାହୀ କର୍ମଚାରୀଙ୍କୁ ଆଇ ୟୁ ୟୁ ମତ୍ସ୍ୟବୃତ୍ତି ଅନୁସନ୍ଧାନରେ ସହଯୋଗ କରିବାକୁ ସକ୍ଷମ କରାଇବା, ଏଥିସହ ଦେଶମାନେ ଏହିପରି ମତ୍ସ୍ୟବୃତ୍ତି ସମ୍ବନ୍ଧୀୟ ତଥ୍ୟ ଏବଂ ସୂଚନା ସଂଗ୍ରହ ଏବଂ ପରିଚାଳନା କରିବା ଉଚିତ;

28.4 ପାରଦର୍ଶୀତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରସାର କରିବାରେ ସହଯୋଗ କରିବା ଉଚିତ;

28.5 ସିଦ୍ଧାନ୍ତ ଏବଂ ପଦକ୍ଷେପଗୁଡିକ ସୁସଙ୍ଗତ କରିବାକୁ ସହଯୋଗ କରିବା ଉଚିତ;

28.6 ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ପ୍ରତିହତ ପାଇଁ ଏକ ସହଯୋଗୀ କୌଶଳର ବିକାଶ କରାଇବା ଉଚିତ ଏବଂ

28.7 ଆନ୍ତର୍ଜାତୀୟ ଚୁକ୍ତିନାମା ମାଧ୍ୟମରେ ତଦାରଖ, ନିୟନ୍ତ୍ରଣ ଏବଂ ନୀରିକ୍ଷଣରେ (ଏମ ସି ଏସ) ସହଯୋଗ କରିବା ଉଚିତ;

29. ୧୯୯୩ ମସିହା ଏଫ ଏ ଓ ଅନୁପାଳନ ଚୁକ୍ତିର ଧାରା ୬ ଅନୁସାରେ, ଫ୍ଲାଗ ଦେଶ ଗୁଡିକ ସେମାନଙ୍କ ପଞ୍ଜିରୁ କାଢି ଦିଆଯାଇଥିବା କିମ୍ବା ମାଛଧରା ଅନୁମତି ବାତିଲ ହୋଇଥିବା ଏବଂ ଏହାର କାରଣ ସମେତ ଜାହାଜଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ ଏଫ ଏ ଓ କୁ କିମ୍ବା ଅନ୍ୟ ଦେଶ ତଥା ସମ୍ପୃକ୍ତ ଆଞ୍ଚଳିକ କିମ୍ବା ଆନ୍ତର୍ଜାତୀୟ ସଂଗଠନଗୁଡିକୁ ଉପଲବ୍ଧ କରାଇବା ଉଚିତ;

30. ସହଯୋଗ ଏବଂ ସୂଚନା ଆଦାନପ୍ରଦାନକୁ ସୁଗମ କରିବା ପାଇଁ, ପ୍ରତ୍ୟେକ ଦେଶ ତଥା ଆଞ୍ଚଳିକ କିମ୍ବା ଆନ୍ତର୍ଜାତୀୟ ସଂଗଠନ ପ୍ରାରମ୍ଭିକ ଯୋଗାଯୋଗ ବିଷୟ ଗୁଡ଼ିକୁ ମନୋନୀତ ଏବଂ ପ୍ରଚାର କରିବା ଉଚିତ;

31. ଫ୍ଲାଗ ଦେଶଗୁଡିକ ଚୁକ୍ତିରେ ପ୍ରବେଶ କରିବା କିମ୍ବା ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ଚୁକ୍ତିନାମା କରିବାକୁ ଚିନ୍ତା କରିବା ଉଚିତ ଏବଂ ପ୍ରଯୁଜ୍ୟ ଆଇନର ପ୍ରୟୋଗ, ସଂରକ୍ଷଣ ଏବଂ ପରିଚାଳନା କୌଶଳପାଇଁ ଜାତୀୟ, ଆଞ୍ଚଳିକ କିମ୍ବା ବିଶ୍ୱସ୍ତରରେ ଗ୍ରହଣ କରାଯାଇଥିବା ବ୍ୟବସ୍ଥାଗୁଡ଼ିକର କାର୍ଯ୍ୟକାରିତା ପାଇଁ ସହଯୋଗ କରିବା ଉଚିତ।

**ପ୍ରଚାର**

32. ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ସମ୍ପୂର୍ଣ୍ଣ ବିବରଣୀ ଏବଂ ଏହାକୁ ହଟାଇବା ପାଇଁ ନିଆଯାଇଥିବା କାର୍ଯ୍ୟଗୁଡିକ ବିଷୟରେ ଦେଶମାନେ ଅନ୍ୟ ଦେଶ ଗୁଡିକ ସହଯୋଗରେ, ଆବଶ୍ୟକୀୟ ଗୋପନୀୟତାକୁ ଧ୍ୟାନରଖି ବ୍ୟାପକ ଭାବରେ ପ୍ରଚାର କରିବା ଉଚିତ ।

**ବୈଷୟିକ ଦକ୍ଷତା ଏବଂ ସାଧନ ସମୂହ**

33. ଆଇ ପି ଓ ଏ କୁ କାର୍ଯ୍ୟକାରୀ କରିବା ପାଇଁ ଆବଶ୍ୟକ ବୈଷୟିକ କ୍ଷମତା ଏବଂ ସାଧନ ସମୂହକୁ ଉପଲବ୍ଧ କରାଇବାକୁ ଦେଶ ଗୁଡିକ ଚେଷ୍ଟା କରିବା ଉଚିତ । ଆବଶ୍ୟକସ୍ଥଳେ ଜାତୀୟ, ଆଞ୍ଚଳିକ କିମ୍ବା ବିଶ୍ୱ ସ୍ତରରେ ସ୍ୱତନ୍ତ୍ର ପାଣ୍ଠି ପ୍ରତିଷ୍ଠା ଅନ୍ତର୍ଭୁକ୍ତ ହେବା ଉଚିତ । ଏହି ପରିପ୍ରେକ୍ଷୀରେ ଆନ୍ତର୍ଜାତୀୟ ସହଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ଉଚିତ ।

**ଫ୍ଲାଗ ଦେଶର ଭୂମିକା**

ମତ୍ସ୍ୟପୋତ ପଞ୍ଜୀକରଣ ।

34. ଦେଶ ଗୁଡିକ ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କର ପତାକା ଉଡାଇବା ଅଧିକାର ଥିବା ମତ୍ସ୍ୟଜୀବୀ ଜାହାଜଗୁଡ଼ିକ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ ନାହାନ୍ତି କିମ୍ବା ତାହାର ସମର୍ଥନ କରନ୍ତି ନାହିଁ ।

35. କୌଣସି ମତ୍ସ୍ୟପୋତକୁ ପଞ୍ଜିକରଣ କରିବା ପୂର୍ବରୁ ଗୋଟିଏ ଫ୍ଲାଗ ଦେଶ ଏହା ନିଶ୍ଚିତ କରାଇବା ଉଚିତ ଯେ ଜାହାଜଟି ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ଜଡିତ ନାହିଁ ବୋଲି ତଦାରଖ କରାଯାଇଛି।

36. ଫ୍ଲାଗ ଦେଶ ଗୁଡିକ ନିୟମ ଗୁଡିକର ଅନୁପାଳନ କରୁନଥିବାର ଇତିହାସ ଥିବା ଜାହାଜଗୁଡ଼ିକୁ ନିଜ ଦେଶର ପତାକା ଉତ୍ତୋଳନ କରିବା ଠାରୁ ଦୂରେଇ ରଖିବା ଉଚିତ ଯେଉଁଠାରେ:

36.1 ଜାହାଜର ମାଲିକାନା ପରବର୍ତ୍ତୀ ସମୟରେ ବଦଳିଗଲା ଏବଂ ନୂତନ ମାଲିକ ପର୍ଯ୍ୟାପ୍ତ ପ୍ରମାଣ ପ୍ରଦାନ କଲେ ଯେ ପୂର୍ବ ମାଲିକ କିମ୍ବା ଚାଳକଙ୍କର ଜାହାଜ ଉପରେ କୌଣସି ଆଇନଗତ, ଲାଭଦାୟକ କିମ୍ବା ଆର୍ଥିକ ଆଗ୍ରହ ନାହିଁ କିମ୍ବା ନିୟନ୍ତ୍ରଣ ନାହିଁ; କିମ୍ବା

36.2 ସମସ୍ତ ପ୍ରାସଙ୍ଗିକ ତଥ୍ୟକୁ ଧ୍ୟାନରେ ରଖି ଫ୍ଲାଗ ଦେଶ ସ୍ଥିର କରେ ଯେ ଜାହାଜକୁ ପତାକା ଚିହ୍ନିତ କରିବା ଦ୍ୱାରା ଆଇ ୟୁ ୟୁ ମତ୍ସ୍ୟବୃତ୍ତି ହେବ ନାହିଁ ।

37. ଫ୍ଲାଗ ଦେଶ ଏବଂ ଅନ୍ୟାନ୍ୟ ଦେଶ ସମେତ ବ୍ୟବସ୍ଥାରେ ଜଡିତ ସମସ୍ତ ଦେଶ , ନିଜ ନିଜ ଅଧିକାରର ସୀମା ମଧ୍ୟରେ, ଅଧିକାରପତ୍ର ପ୍ରାପ୍ତ ଜାହାଜଗୁଡିକ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ ନହେବା ପାଇଁ ପଦକ୍ଷେପ ନେବା ଉଚିତ ।

38. ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପ କିମ୍ବା ଜାତୀୟ, ଆଞ୍ଚଳିକ କିମ୍ବା ବିଶ୍ୱସ୍ତରରେ ଗ୍ରହଣ କରାଯାଇଥିବା ନିୟମାବଳୀକୁ ପାଳନ ନକରିବା ଉଦ୍ଦେଶ୍ୟରେ ଫ୍ଲାଗ ଦେଶଗୁଡିକ ଜାହାଜଗୁଡ଼ିକୁ ନିଜ ଦେଶର ପୁନଃ ପତାକା ଉତ୍ତୋଳନରୁ ନିବୃତ୍ତ ରଖିବା ଉଚିତ । ଆବଶ୍ୟକସ୍ଥଳେ ଫ୍ଲାଗ ଦେଶ ଜାହାଜ ମାଲିକମାନଙ୍କର ସେମାନଙ୍କ ଜାହାଜକୁ ଅନ୍ୟ ଦେଶକୁ ସ୍ଥାନାନ୍ତର କରିବା ପାଇଁ ପ୍ରୋତ୍ସାହନ ସୃଷ୍ଟି ନକରିବା ପାଇଁ କରୁଥିବା କାର୍ଯ୍ୟ ଏବଂ ମାନକ ସମାନ ହେବା ଉଚିତ ।

39. ଦେଶଗୁଡିକ ସମସ୍ତ ପ୍ରୟୋଗନୀୟ ପଦକ୍ଷେପ ଗ୍ରହଣ କରିବା ଉଚିତ ଯେପରିକି କୌଣସି ଜାହାଜର ମାଛ ଧରିବା ପ୍ରାଧିକରଣକୁ ପ୍ରତ୍ୟାଖ୍ୟାନ କରିବା କିମ୍ବା ସେହି ଦେଶର ପତାକା ଉଡ଼ାଇବାର ଅଧିକାର ଦେବା କିମ୍ବା ସଂରକ୍ଷଣ, ପରିଚାଳନା ପଦକ୍ଷେପ କିମ୍ବା ଜାତୀୟ, ଆଞ୍ଚଳିକ ବା ବିଶ୍ୱସ୍ତରରେ ଗ୍ରହଣ କରାଯାଇଥିବା ବ୍ୟବସ୍ଥାଗୁଡ଼ିକୁ ଏଡ଼ାଇବା କିମ୍ବା ଏହିପରି ପଦକ୍ଷେପ କିମ୍ବା ବ୍ୟବସ୍ଥାଗୁଡ଼ିକୁ ପାଳନ ନକରିବା ଉଦ୍ଦେଶ୍ୟରେ ହେଉଥିବା "ପତାକା ପରିବର୍ତ୍ତନ" ବା ଏକ ଜାହାଜର ପତାକାକୁ ବାରମ୍ବାର ଏବଂ ଦ୍ରୁତ ପରିବର୍ତ୍ତନ କରିବାର ଅଭ୍ୟାସ ।

40. ଯଦିଓ ଏକ ଜାହାଜର ପଞ୍ଜୀକରଣ ଏବଂ ମାଛଧରାକୁ ପ୍ରାଧିକରଣ ପ୍ରଦାନର କାର୍ଯ୍ୟଗୁଡ଼ିକ ଅଲଗା, ତଥାପି ଫ୍ଲାଗ ଦେଶମାନେ ଏହି କାର୍ଯ୍ୟଗୁଡ଼ିକୁ ଏକ ଢଙ୍ଗରେ ପରିଚାଳନା କରିବାକୁ ଚିନ୍ତା କରିବା ଉଚିତ ଯାହା ନିଶ୍ଚିତ କରିଥାଏ ଯେ ପ୍ରତ୍ୟେକ ଅନ୍ୟକୁ ଉପଯୁକ୍ତ ବିଚାର କରନ୍ତି । ଫ୍ଲାଗ ଦେଶ ଗୁଡିକ ସେମାନଙ୍କର ଜାହାଜ ପଞ୍ଜି ଗୁଡିକର କାର୍ଯ୍ୟ ଏବଂ ସେହି ଦେଶଗୁଡିକ ସେମାନଙ୍କର ମତ୍ସ୍ୟଜୀବୀ ଜାହାଜଗୁଡ଼ିକର ସରକାରୀ ନଥି ମଧ୍ୟରେ ଉପଯୁକ୍ତ କଡ଼ି ସୁନିଶ୍ଚିତ କରିବା ଉଚିତ । ଯେଉଁଠାରେ ଏହିପରି କାର୍ଯ୍ୟଗୁଡିକ ଗୋଟିଏ ସମାନ ସଂସ୍ଥା ଦ୍ୱାରା ଗ୍ରହଣ କରାଯାଏ ନାହିଁ, ସେତେବେଳେ ଦେଶ ଗୁଡ଼ିକ ସେହି କାର୍ଯ୍ୟଗୁଡ଼ିକ ପାଇଁ ଦାୟୀ ସଂସ୍ଥାଗୁଡିକ ମଧ୍ୟରେ ପର୍ଯ୍ୟାପ୍ତ ସହଯୋଗ ଏବଂ ସୂଚନା ବାଣ୍ଟିବା ନିଶ୍ଚିତ କରିବା ଉଚିତ ।

41. ଏକ ଫ୍ଲାଗ ଦେଶ ଏକ ମତ୍ସ୍ୟପୋତ କୁ ନିଜ ଜଳରାଶି ରେ କିମ୍ବା ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ଅନୁମତି ଦେବା ପାଇଁ ପ୍ରସ୍ତୁତ ହେବା ପରେ ସର୍ତ୍ତମୂଳକ ଭାବରେ ସେହି ମତ୍ସ୍ୟପୋତ ର

ପଞ୍ଜିକରଣ କରିବାକୁ ନିଷ୍ପତ୍ତି ନେବାକୁ ବିଚାର କରିବା ଉଚିତ କିମ୍ବା ମାଛଧରିବାକୁ ସର୍ତ୍ତମୂଳକ ଅନୁମତି ଦେବା ଉଚିତ, ଯେତେବେଳେ ଜାହାଜ ସେହି ଫ୍ଲାଗ ଦେଶ ନିୟନ୍ତ୍ରଣରେ ଥାଏ ।

**ମତ୍ସ୍ୟ ଜାହାଜଗୁଡ଼ିକର ସୂଚୀ**

42. ପ୍ରତ୍ୟେକ ଫ୍ଲାଗ ଦେଶ ଏହାର ପତାକା ଉଡ଼ାଇବାକୁ ଅଧିକାର ଥିବା ମତ୍ସ୍ୟପୋତ ମାନଙ୍କର ଏକ ସରକାରୀ ନଥି ରଖିବା ଉଚିତ । ପ୍ରତ୍ୟେକ ଫ୍ଲାଗ ଦେଶ ମତ୍ସ୍ୟପୋତ ଗୁଡିକୁ ସରକାରୀ ନଥିର ଅନ୍ତର୍ଭୁକ୍ତ କରିବା ଉଚିତ, ଗଭୀର ସମୁଦ୍ରରେ ମାଛ ଧରିବାକୁ ଅନୁମତି ପ୍ରାପ୍ତ ଜାହାଜଗୁଡିକ ପାଇଁ, ୧୯୯୩ ମସିହାର ଏଫ ଏ ଓ ନିୟମ ଚୁକ୍ତିନାମାର ଧାରା ୬ ର ଅନୁଚ୍ଛେଦ ୧ ଏବଂ ୨ ରେ ପ୍ରଦତ୍ତ ସମସ୍ତ ସୂଚନା, ଅନ୍ତର୍ଭୁକ୍ତ ହେବା ଉଚିତ ଯେମିତିକି:

42.1 ପୂର୍ବ ନାମଗୁଡିକ, ଯଦି ଥାଏ ଏବଂ ଯଦି ଜଣାଶୁଣା;

42.2 ପ୍ରାକୃତିକ କିମ୍ବା ଆଇନଗତ ବ୍ୟକ୍ତିଙ୍କ ନାମ, ଠିକଣା ଏବଂ ଜାତୀୟତା ଯାହାର ନାମରେ ଜାହାଜ ପଞ୍ଜିକୃତ ହୋଇଛି;

42.3 ନାମ, ଗଳି ଠିକଣା, ମେଲିଂ ଠିକଣା ଏବଂ ଜାହାଜର କାର୍ଯ୍ୟ ପରିଚାଳନା ପାଇଁ ଦାୟୀ ପ୍ରାକୃତିକ କିମ୍ବା ଆଇନଗତ ବ୍ୟକ୍ତିଙ୍କ ଜାତୀୟତା;

42.4 ନାମ, ଗଳି ଠିକଣା, ଡାକ ଠିକଣା ଏବଂ ଜାହାଜର ଲାଭଦାୟକ ମାଲିକାନା ସହିତ ପ୍ରାକୃତିକ କିମ୍ବା ଆଇନଗତ ବ୍ୟକ୍ତିଙ୍କ ଜାତୀୟତା;

42.5 ଜାହାଜର ନାମ ଏବଂ ମାଲିକାନାର ଇତିହାସ, ଯେଉଁଠାରେ ଏହା ଜଣାଶୁଣା, ଜାତୀୟ ଆଇନ ଅନୁଯାୟୀ ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପ କିମ୍ବା ଜାତୀୟ, ଆଞ୍ଚଳିକ କିମ୍ବା ବିଶ୍ୱ ସ୍ତରରେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସହିତ ସେହି ଜାହାଜ ଦ୍ୱାରା ଅନୁପାଳନର ଇତିହାସ; ଏବଂ

42.6 ଜାହାଜର ପରିମାପ ଏବଂ ଯେଉଁଠାରେ ଉପଯୁକ୍ତ, ଏକ ଫଟୋଗ୍ରାଫ୍, ପଞ୍ଜୀକରଣ ସମୟରେ କିମ୍ବା ଅନ୍ୟ କୌଣସି ସାମ୍ପ୍ରତିକ ଗଠନମୂଳକ ପରିବର୍ତ୍ତନଗୁଡ଼ିକର ସମାପ୍ତିରେ, ଜାହାଜର ପାର୍ଶ୍ୱଚିତ୍ରର ଦୃଶ୍ୟ;

43. ଫ୍ଲାଗ ଦେଶଗୁଡିକ ମଧ୍ୟ ଗଭୀର ସମୁଦ୍ରରେ ମାଛ ଧରିବାକୁ ଅନୁମତିପ୍ରାପ୍ତ ନଥିବା ମତ୍ସ୍ୟପୋତ ଗୁଡିକର ସରକାରୀ ନଥି ଅନୁଚ୍ଛେଦ ୪୨ ରେ ଅନ୍ତର୍ଭୁକ୍ତ କରିବାକୁ ଆବଶ୍ୟକ କରିପାରନ୍ତି ।

**ମାଛଧରାର ପ୍ରାଧିକରଣ**

44. ଗଭୀର ସମୁଦ୍ର ପାଇଁ ଅନ୍ତର୍ଜାତୀୟ ନିୟମ ଅନୁଯାୟୀ, ବିଶେଷ ଭାବରେ ୧୯୮୨ ମସିହା ମିଳିତ ଜାତିସଂଘ ସମ୍ମିଳନୀର ପ୍ରବନ୍ଧ ୧୧୬ ଏବଂ ୧୧୭ ରେ ଧାର୍ଯ୍ୟ କରାଯାଇଥିବା ଅଧିକାର ଏବଂ କର୍ତ୍ତବ୍ୟ ଅନୁଯାୟୀ କିମ୍ବା ଜାତୀୟ ଅଧିକାର ଅଧୀନରେ ଥିବା ଜାତୀୟ ନିୟମ ଅନୁସାରେ, ଅଣ-

ପ୍ରାଧୀକୃତ କୌଣସି ଜାହାଜକୁ ମତ୍ସ୍ୟବୃତ୍ତି କରିବାକୁ ଅନୁମତି ନଦେବା ପାଇଁ ଦେଶଗୁଡିକ ପଦକ୍ଷେପ ଗ୍ରହଣ କରିବା ଉଚିତ।

45. ଏକ ଫ୍ଲାଗ ଦେଶ ଏହା ନିଶ୍ଚିତ କରିବା ଉଚିତ ଯେ ପ୍ରତ୍ୟେକ ଜାହାଜ ଏହାର ସାର୍ବଭୌମତ୍ୱ କିମ୍ବା ପ୍ରାଧିକରଣ ବାହାରେ ଥିବା ଜଳରାଶି ରେ ମାଛ ଧରିବା ସମୟରେ ସେହି ଫ୍ଲାଗ ଦେଶ ଦ୍ୱାରା ଜାରି ପ୍ରାଧିକରଣ ଧାରଣ କରିଛନ୍ତି । ଯେଉଁଠାରେ ଏକ ଉପକୂଳବର୍ତ୍ତୀ ରାଷ୍ଟ୍ର ଏକ ଜାହାଜକୁ ମାଛ ଦେବା ପାଇଁ ଅନୁମତି ପ୍ରଦାନ କରେ, ସେହି ଉପକୂଳବର୍ତ୍ତୀ ଦେଶ ନିଶ୍ଚିତ କରିବା ଉଚିତ ଯେ ଫ୍ଲାଗ ଦେଶ ଦ୍ୱାରା ଜାରି କରାଯାଇଥିବା ଅନୁମତି ବିନା ଏହାର ଜଳରାଶି ରେ କୌଣସି ମତ୍ସ୍ୟବୃତ୍ତି ଘଟିବ ନାହିଁ।

46. ଜାହାଜଗୁଡ଼ିକରେ ମାଛଧରା ପାଇଁ ଏକ ପ୍ରାଧିକରଣ ରହିବା ଆବଶ୍ୟକ ଏବଂ ଆବଶ୍ୟକତା ଅନୁଯାୟୀ ଏହାକୁ ଜାହାଜରେ ବହନ କରିବା ଉଚିତ । ପ୍ରତ୍ୟେକ ରାଷ୍ଟ୍ରର ପ୍ରାଧିକରଣ ଅନ୍ତର୍ଭୁକ୍ତ ହେବା ଉଚିତ, କିନ୍ତୁ ଏଥିରେ ସୀମିତ ରହିବା ଆବଶ୍ୟକ ନୁହେଁ ଯଥା:

46.1 ଜାହାଜର ନାମ ଏବଂ ଆବଶ୍ୟକସ୍ଥଳେ, ମାଛ ଧରିବାକୁ ଅନୁମତିପ୍ରାପ୍ତ ପ୍ରାକୃତିକ କିମ୍ବା ଆଇନଗତ ବ୍ୟକ୍ତିର ତଥ୍ୟ;

46.2 ମାଛଧରା ପାଇଁ ପ୍ରାଧିକରଣର କ୍ଷେତ୍ର, ପରିସର ଏବଂ ଅବଧି; ଏବଂ

46.3 ପ୍ରଜାତି, ସ୍ୱୀକୃତିପ୍ରାପ୍ତ ମତ୍ସ୍ୟବୃତ୍ତି ଯନ୍ତ୍ର ଏବଂ ଆବଶ୍ୟକସ୍ଥଳେ ଅନ୍ୟାନ୍ୟ ପ୍ରଯୁଜ୍ୟ ପରିଚାଳନା ପଦକ୍ଷେପ ।

47. ଆବଶ୍ୟକସ୍ଥଳେ ପ୍ରାଧିକରଣ ପ୍ରଦାନର ସର୍ତ୍ତଗୁଡିକ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇପାରେ:

47.1 ଜାହାଜ ତଦାରଖ କାରୀ ତନ୍ତ୍ର;

47.2 ବିବରଣୀ ସର୍ତ୍ତାବଳୀ ଯଥା:

47.2.1 ଜାହାଜ ଦ୍ୱାରା ମାଛଧରାର ସମୟ କ୍ରମ ଏବଂ ପ୍ରୟାସର ପରିସଂଖ୍ୟାନ;

47.2.2 ସମୁଦାୟ ଧରା ଯାଇଥିବା ମାଛଗୁଡିକ ର ସଂଖ୍ୟା, ପ୍ରଜାତି ହିସାବରେ (ଉଭୟ ନିର୍ଦ୍ଧାରିତ ଏବଂ ଅଣନିର୍ଦ୍ଧାରିତ ପ୍ରଜାତି) ନାମମାତ୍ର ଓଜନ କିମ୍ବା ଉଭୟ, ଯେପରି ପ୍ରତ୍ୟେକ ମତ୍ସ୍ୟବୃତ୍ତି ସମୟ ପାଇଁ ଉପଯୁକ୍ତ (ନାମମାତ୍ର ଓଜନ ହେଉଛି ଧରା ଯାଇଥିବା ମାଛ ଓଜନ ସହିତ ସମାନ ହେଉଥିବା ଜୀବନ୍ତ ମାଛ ଓଜନ);

47.2.3 ଆବଶ୍ୟକ ସ୍ଥଳେ ପରିସଂଖ୍ୟାନକୁ ଛାଡି ଆକଳନକୁ ଅନ୍ତର୍ଭୁକ୍ତ କରି, ପ୍ରତ୍ୟେକ ମତ୍ସ୍ୟବୃତ୍ତି ପାଇଁ ଉପଯୁକ୍ତ ପ୍ରଜାତି ଦ୍ୱାରା ସଂଖ୍ୟା କିମ୍ବା ନାମକରଣ ଓଜନ ଭାବରେ ବିବରଣୀ ପ୍ରସ୍ତୁତ କରାଯାଇଥାଏ;

47.2.4 ପ୍ରତ୍ୟେକ ମାଛ ଧରା ପଦ୍ଧତି ପାଇଁ ଉପଯୁକ୍ତ ପ୍ରୟାସ ପରିସଂଖ୍ୟାନ; ଏବଂ

47.2.5 ମତ୍ସ୍ୟବୃତ୍ତିର ଅବସ୍ଥାନ, ତାରିଖ ଓ ସମୟ, ମତ୍ସ୍ୟ ଏବଂ ଅନ୍ୟାନ୍ୟ ପରିସଂଖ୍ୟାନ;

47.3 ବିବରଣୀ ଏବଂ ଗଭୀର ସମୁଦ୍ରରେ ଜାହାଜରୁ ସ୍ଥାନାନ୍ତରଣ ପାଇଁ ଅନ୍ୟାନ୍ୟ ସର୍ତ୍ତାବଳୀ, ଯେଉଁଠାରେଏହି ପରି ସ୍ଥାନାନ୍ତରଣ ଅନୁମତିପ୍ରାପ୍ତ;

47.4 ପର୍ଯ୍ୟବେକ୍ଷକ ନିଯୁକ୍ତି;

47.5 ମତ୍ସ୍ୟବୃତ୍ତି ଏବଂ ଆନୁଷଙ୍ଗିକ ଲଗ ବୁକର ରକ୍ଷଣାବେକ୍ଷଣ;

47.6 ସୀମା ସହିତ ଅନୁପାଳନ ନିମନ୍ତେ ନିୟନ୍ତ୍ରିତ ଅଞ୍ଚଳରେ ଦିଶା ଦର୍ଶାଉ ଥିବା ଉପକରଣଗୁଡିକ;

47.7 ସାମୁଦ୍ରିକ ସୁରକ୍ଷା, ସାମୁଦ୍ରିକ ପରିବେଶର ସୁରକ୍ଷା ଏବଂ ଜାତୀୟ, ଆଞ୍ଚଳିକ କିମ୍ବା ବିଶ୍ୱ ସ୍ତରରେ ଗ୍ରହଣ କରାଯାଇଥିବା ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପ କିମ୍ବା ବ୍ୟବସ୍ଥା ସଂପର୍କରେ ପ୍ରଯୁଜ୍ୟ ଆନ୍ତର୍ଜାତିକ ସମ୍ମିଳନୀ ଏବଂ ଜାତୀୟ ନିୟମ ଏବଂ ନିୟମଗୁଡିକର ଅନୁପାଳନ;

47.8 ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନକ ଅନୁଯାୟୀ ଏହାର ମତ୍ସ୍ୟବୃତ୍ତିରେ ନିୟୋଜିତ ଜାହାଜଗୁଡିକର ଚିହ୍ନ କରଣ, ଯେପରିକି ଏଫ ଏ ଓ ଷ୍ଟାଣ୍ଡାର୍ଡ ବର୍ଣ୍ଣନା ଏବଂ ମତ୍ସ୍ୟପୋତ ଗୁଡିକର ଚିହ୍ନଟ ଏବଂ ଚିହ୍ନଟ ପାଇଁ ନିର୍ଦ୍ଦେଶାବଳୀ । ଜାହାଜଗୁଡ଼ିକର ମାଛ ଧରା ଯନ୍ତ୍ରକୁ ସମାନ ଭାବରେ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନଦଣ୍ଡ ଅନୁଯାୟୀ ଚିହ୍ନିତ କରାଯିବା ଉଚିତ;

47.9 ଆବଶ୍ୟକସ୍ଥଳେ, ଫ୍ଲାଗ ଦେଶ ପାଇଁ ପ୍ରଯୁଜ୍ୟ ମତ୍ସ୍ୟ ବ୍ୟବସ୍ଥାର ଅନ୍ୟାନ୍ୟ ଦିଗ ସହିତ ଅନୁପାଳନ; ଏବଂ

47.10 ଜାହାଜର ଏକ ସ୍ୱତନ୍ତ୍ର, ଆନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ପରିଚୟ ସଂଖ୍ୟା ରହିବା ଉଚିତ ଯାହା ଆବଶ୍ୟକସ୍ଥଳେ ଏହାକୁ ପଞ୍ଜୀକରଣ କିମ୍ବା ନାମର ପରିବର୍ତ୍ତନ ବିଷୟରେ ଚିହ୍ନଟ କରିବାକୁ ସକ୍ଷମ କରିଥାଏ ।

48. ଫ୍ଲାଗ ଦେଶ ଗୁଡିକ ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କର ମତ୍ସ୍ୟବୃତ୍ତି, ପରିବହନ ଏବଂ ସହାୟତା ଜାହାଜଗୁଡିକ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ସମର୍ଥନ କରେ ନାହିଁ କିମ୍ବା ଜଡିତ ହୁଏନାହିଁ । ଏଥିପାଇଁ, ଫ୍ଲାଗ ଦେଶଗୁଡିକ ନିଶ୍ଚିତ କରିବା ଉଚିତ ଯେ ସେମାନଙ୍କର କୌଣସି ଜାହାଜ ଏହିପରି କାର୍ଯ୍ୟକଳାପରେ ନିୟୋଜିତ ମତ୍ସ୍ୟପୋତକୁ ପୁନଃଯୋଗାଣ କରେନାହିଁ କିମ୍ବା ଏହି ଜାହାଜ ଗଭୀର ସମୁଦ୍ରରେ ଜାହାଜରୁ ସ୍ଥାନାନ୍ତରଣ ମତ୍ସ୍ୟବୃତ୍ତିରେ ନିୟୋଜିତ ହୁଏନାହିଁ । ଏହି ଅନୁଚ୍ଛେଦକୁ ସଦସ୍ୟମାନଙ୍କ ସୁରକ୍ଷା ସମେତ ମାନବିକତା ଉଦ୍ଦେଶ୍ୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କୌଣସି ପକ୍ଷପାତ କରେ ନାହିଁ।

49. ଫ୍ଲାଗ ଦେଶଗୁଡିକ ନିଶ୍ଚିତ କରିବା ଉଚିତ ଯେ, ଯଥାସମ୍ଭବ ସମୁଦ୍ରରେ ପରିବହନ ସହିତ ଜଡିତ ସେମାନଙ୍କର ସମସ୍ତ ମତ୍ସ୍ୟବୃତ୍ତି ପରିବହନ ଏବଂ ସହାୟତା ଜାହାଜଗୁଡିକ ପାଖରେ ଫ୍ଲାଗ ଦେଶଦ୍ୱାରା ଜାରି ଗଭୀର ସମୁଦ୍ରରେ ଜାହାଜରୁ ସ୍ଥାନାନ୍ତରଣ ପାଇଁ ପ୍ରାଧିକୃତ ଅଧିକାର ରହିଛି ଏବଂ ଜାତୀୟ ମତ୍ସ୍ୟ ପ୍ରଶାସନ କିମ୍ବା ଅନ୍ୟାନ୍ୟ ନିଯୁକ୍ତ ସଂସ୍ଥା କିମ୍ବା ବ୍ୟକ୍ତିଙ୍କୁ ବିବରଣୀ ଦେଉଛି । ଯଥା:

49.1 ସମୁଦ୍ରରେ ହୋଇଥିବା ସେମାନଙ୍କର ସମସ୍ତ ମତ୍ସ୍ୟ ପରିବହନର ତାରିଖ ଏବଂ ଅବସ୍ଥାନ;

49.2 ପରିବହନ ହୋଇଥିବା ମାଛର ପ୍ରଜାତି, ଓଜନ ଏବଂ ଧରିବା ସ୍ଥାନ;

49.3 ପରିବହନ ସହିତ ଜଡିତ ଜାହାଜଗୁଡିକର ନାମ, ପଞ୍ଜୀକରଣ, ପତାକା ଏବଂ ଅନ୍ୟାନ୍ୟ ସୂଚନା।

49.4 ଗଭୀର ସମୁଦ୍ରରେ ଜାହାଜରୁ ସ୍ଥାନାନ୍ତରଣ ହୋଇଥିବା ମାଛ ଗୁଡିକ କେଉଁ ବନ୍ଦରରେ ବିକ୍ରୟ ହେଇଛି ।

50. ଫ୍ଲାଗ ଦେଶଗୁଡିକ ମାଛଧରା ଏବଂ ଗଭୀର ସମୁଦ୍ରରେ ଜାହାଜରୁ ସ୍ଥାନାନ୍ତରଣ ବିବରଣୀରୁ ସୂଚନା, କ୍ଷେତ୍ର ଏବଂ ପ୍ରଜାତି ଅନୁଯାୟୀ ଏକତ୍ରିତ, ସମ୍ପୂର୍ଣ୍ଣ, ସମୟାନୁବର୍ତ୍ତୀ ଏବଂ ନିୟମିତ ଢଙ୍ଗରେ ଏବଂ ଉପଯୁକ୍ତ ଭାବରେ, ଏଫ ଏ ଓ ସମେତ ସମ୍ପୃକ୍ତ ଜାତୀୟ, ଆଞ୍ଚଳିକ ଏବଂ ଆନ୍ତର୍ଜାତୀୟ ସଂଗଠନଗୁଡିକ ପାଇଁ ଆବଶ୍ୟକୀୟ ଗୋପନୀୟତା ସହ ସୂଚନା ପ୍ରଦାନ କରିବା ଉଚିତ ।

**ଉପକୂଳବର୍ତ୍ତୀ ଦେଶର ପଦକ୍ଷେପ**

51. ୧୯୮୨ ମସିହା ମିଳିତ ଜାତିସଂଘ ସମ୍ମିଳନୀ ଏବଂ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ, ନିଜ ଅଧୀନରେ ଥିବା ଜୀବନ୍ତ ସାମୁଦ୍ରିକ ସମ୍ବଳର ଅନୁସନ୍ଧାନ, ବ୍ୟବହାର, ସଂରକ୍ଷଣ ତଥା ପରିଚାଳନା ପାଇଁ ଉପକୂଳବର୍ତ୍ତୀ ଦେଶଗୁଡିକର ସାର୍ବଭୌମ ଅଧିକାରର ପ୍ରୟୋଗରେ, ପ୍ରତ୍ୟେକ ଉପକୂଳବର୍ତ୍ତୀ ଦେଶ ନିଜର ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରରେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ । ଉପକୂଳବର୍ତ୍ତୀ ଦେଶସବୁ ଜାତୀୟ ଆଇନ ଏବଂ ଆନ୍ତର୍ଜାତୀୟ ଆଇନ ସହିତ ଅନୁରୂପ ଭାବରେ ଏବଂ ପ୍ରୟୋଗନୀୟ ଏବଂ ଉପଯୁକ୍ତ ପରିମାଣରେ ଯାହା ସବୁ ବିଚାର କରିବା ଉଚିତ, ସେଗୁଡ଼ିକ ହେଉଛି:

51.1 ସ୍ୱତନ୍ତ୍ର ଅର୍ଥନୈତିକ କ୍ଷେତ୍ରରେ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପର ପ୍ରଭାବଶାଳୀ ତଦାରଖ, ନିରୀକ୍ଷଣ ଏବଂ ନିୟନ୍ତ୍ରଣ;

51.2 ଅନ୍ୟ ଦେଶଗୁଡିକ ସମେତ ଆବଶ୍ୟକସ୍ଥଳେ ଉପକୂଳବର୍ତ୍ତୀ ପଡୋଶୀ ଦେଶ ଏବଂ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ସହିତ ସହଯୋଗ ଏବଂ ସୂଚନାର ଆଦାନପ୍ରଦାନ;

51.3 ସୁନିଶ୍ଚିତ କରିବାକୁ ଯେ କୌଣସି ଜାହାଜ ସେହି ସମୁଦ୍ର ଉପକୂଳବର୍ତ୍ତୀ ଦେଶ ଦ୍ୱାରା କରାଯାଇଥିବା ବୈଧ ଅନୁମତି ବିନା ଏହାର ଜଳ ମଧ୍ୟରେ ମତ୍ସ୍ୟବୃତ୍ତି କାର୍ଯ୍ୟ କରେ ନାହିଁ;

51.4 ନିଶ୍ଚିତ କରିବାକୁ ହେବ ଯେ ମାଛଧରିବା ପାଇଁ ଏକ ଜାହାଜ ପ୍ରାଧିକୃତ ହୋଇଥାଏ ଯଦି ସଂପୃକ୍ତ ଜାହାଜଟି, ଜାହାଜ ମାନଙ୍କର ସରକାରୀ ନଥି ସୂଚୀରେ ପ୍ରବେଶ କରେ;

51.5 ସୁନିଶ୍ଚିତ କରିବାକୁ ହେବ ଯେ ଏହାର ଜଳରେ ମତ୍ସ୍ୟବୃତ୍ତିରେ ଥିବା ପ୍ରତ୍ୟେକ ଜାହାଜ ମତ୍ସ୍ୟ କାର୍ଯ୍ୟକଳାପକୁ ପଞ୍ଜି କରୁଥିବା ଏକ ଲଗବୁକର ବ୍ୟବହାର କରେ;

51.6 ସୁନିଶ୍ଚିତ କରିବାକୁ ହେବ ଯେ ଗଭୀର ସମୁଦ୍ରରେ ଜାହାଜରୁ ସ୍ଥାନାନ୍ତରଣ ଏବଂ ମାଛ ପ୍ରକ୍ରିୟାକରଣ ଓ ମତ୍ସ୍ୟ ଉତ୍ପାଦ ର ପରିବହନ ସମ୍ପୃକ୍ତ ଉପକୂଳବର୍ତ୍ତୀ ଦେଶ ଦ୍ୱାରା ସ୍ୱୀକୃତିପ୍ରାପ୍ତ, କିମ୍ବା ଉପଯୁକ୍ତ ପରିଚାଳନା ନିୟମାବଳୀ ଅନୁଯାୟୀ ପରିଚାଳିତ;

51.7 ଉପକୂଳବର୍ତ୍ତୀ ଦେଶର ମାଛ ଧରା ପ୍ରବେଶର ନିୟମାବଳୀ ଯାହା ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ସାହାଯ୍ୟ କରିବା; ଏବଂ

51.8 ଅନୁଚ୍ଛେଦ ୩୬ ର ନିୟମାବଳୀକୁ ଧ୍ୟାନରେ ରଖି ଯଦି ନିର୍ଦ୍ଦିଷ୍ଟ ଜାହାଜରେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ଇତିହାସ ଥାଏ ତେବେ ଉପକୂଳବର୍ତ୍ତୀ ଦେଶ ଏହାର ଜଳରେ ମାଛ ଧରିବାକୁ ଏହି ଜାହାଜକୁ ଲାଇସେନ୍ସ ଦେବା ଠାରୁ ଦୂରେଇ ରହିବା ଉଚିତ ।

**ବନ୍ଦର ଦେଶ ଗୁଡିକର ପଦକ୍ଷେପ**

52. ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ବନ୍ଦର ଦେଶ ଗୁଡିକ ମତ୍ସ୍ୟବୃତ୍ତିରେ ନିୟୋଜିତ ଥିବା ଜାହାଜଗୁଡିକର ନିୟନ୍ତ୍ରଣ ପାଇଁ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ପଦକ୍ଷେପଗୁଡିକୁ ବ୍ୟବହାର କରିବା ଉଚିତ । ଏହିପରି ପଦକ୍ଷେପଗୁଡିକୁ ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବ ନକରି କାର୍ଯ୍ୟକାରୀ କରାଯିବା ଉଚିତ ।

53. ଯେତେବେଳେ ଅନୁଚ୍ଛେଦ ୫୨ ରୁ ୬୪ ଗୁଡିକୁ ବ୍ୟବହାର କରାଯାଏ ସେଠାରେ ବନ୍ଦର ପ୍ରବେଶ ଅର୍ଥ ହେଉଛି ଏକ ଉପକୂଳବର୍ତ୍ତୀ ରାଷ୍ଟ୍ରର ସାର୍ବଭୌମତ୍ୱକୁ କ୍ଷୁଣ୍ଣ ନକରି ଏହାର ଜାତୀୟ ଆଇନ ଏବଂ ୧୯୮୨ ମସିହା ମିଳିତ ଜାତିସଂଘ ସମ୍ମିଳନୀ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ଆନ୍ତର୍ଜାତୀୟ ଆଇନର ଧାରା ୨୫.୨ ଅନୁଯାୟୀ ବିଦେଶୀ ମତ୍ସ୍ୟପୋତକୁ ଇନ୍ଧନ, ପୁନଃଯୋଗାଣ, ପରିବହନ ଏବଂ ମତ୍ସ୍ୟ ବିକ୍ରୟ ଉଦ୍ଦେଶ୍ୟରେ ବନ୍ଦର କିମ୍ବା ଟର୍ମିନାଲରେ ପ୍ରବେଶ କରାଇବା ।

54. ଅନୁଚ୍ଛେଦ ୫୨, ୫୩ ଏବଂ ୫୫ ଅନୁସାରେ, ଆନ୍ତର୍ଜାତୀୟ ନିୟମ ଅନୁଯାୟୀ, ବିପତ୍ତି କାରଣରୁ କିମ୍ବା ବିପଦ ଓ ବିପର୍ଯ୍ୟୟ ସମୟରେ ବ୍ୟକ୍ତି, ଜାହାଜ କିମ୍ବା ବିମାନକୁ ସାହାଯ୍ୟ କରିବା ପାଇଁ ଏକ ଜାହାଜକୁ ବନ୍ଦର ପ୍ରବେଶ ଅନୁମତି ପ୍ରଦାନ କରାଯିବା ଉଚିତ ।

55. ଏକ ଜାହାଜକୁ ବନ୍ଦର ପ୍ରବେଶ ଅନୁମତି ଦେବା ପୂର୍ବରୁ, ଦେଶଗୁଡିକ ସେହି ମତ୍ସ୍ୟପୋତ ଏବଂ ମାଛ ଧରା ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଜଡିତ ଜାହାଜଗୁଡିକର ପ୍ରବେଶ ବିଷୟରେ ଯୁକ୍ତିଯୁକ୍ତ ଅଗ୍ରୀମ ବିଜ୍ଞପ୍ତି, ମାଛଧାରା ପ୍ରାଧିକରଣର ଏକ ନକଲ, ସେମାନଙ୍କର ମତ୍ସ୍ୟବୃତ୍ତି ଯାତ୍ରାର ବିବରଣୀ ଏବଂ

ଜାହାଜରେ ଥିବା ମାଛର ପରିମାଣ ତଥା ଗୋପନୀୟତା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜାହାଜଟି ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ କିମ୍ବା ସମର୍ଥିତ ହୋଇଥାଇପାରେ କି ନାହିଁ ତାହା ତଦାରଖ କରି ବନ୍ଦରରେ ପ୍ରବେଶ ଅନୁମତି ଦେଇଥାଏ ।

56. ଯେଉଁଠାରେ ବନ୍ଦର ପ୍ରବେଶ ଅନୁମତି ଦିଆଯାଇଥିବା ଏକ ଜାହାଜ ସମ୍ପର୍କରେ ବନ୍ଦର ଦେଶ ପାଖରେ ସ୍ପଷ୍ଟ ପ୍ରମାଣ ଅଛି ଯେ ସେହି ଜାହାଜଟି ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ ଅଛି, ବନ୍ଦର ଦେଶ ସମ୍ପୃକ୍ତ ଜାହାଜକୁ ଏହାର ବନ୍ଦରରେ ମତ୍ସ୍ୟ ବିକ୍ରୟ କରିବାକୁ କିମ୍ବା ମାଛ ପରିବହନ କରିବାକୁ ଅନୁମତି ଦେବା ଅନୁଚିତ ଏବଂ ଏହା ବିଷୟରେ ଫ୍ଲାଗ ଦେଶକୁ ଜଣାଇବା ଉଚିତ ।

57. ଦେଶଗୁଡିକ ସେହି ବନ୍ଦରଗୁଡିକୁ ସାର୍ବଜନୀନ କରିବା ଉଚିତ ଯେଉଁଥିରେ ବିଦେଶୀ ପତାକା ଚିହ୍ନିତ ଜାହାଜଗୁଡିକର ପ୍ରବେଶ ପାଇଁ ଅନୁମତି ଦିଆଯାଇପାରେ ଏବଂ ନିଶ୍ଚିତ କରିବା ଉଚିତ ଯେ ଏହି ବନ୍ଦରଗୁଡିକର ଯାଞ୍ଚ କରିବାର କ୍ଷମତା ଅଛି ।

58. ମତ୍ସ୍ୟଜୀବୀ ଜାହାଜ ଯାଞ୍ଚ କରିବାର ଅଧିକାରର ପ୍ରୟୋଗରେ, ବନ୍ଦର ଦେଶ ଗୁଡିକ ନିମ୍ନଲିଖିତ ସୂଚନା ସଂଗ୍ରହ କରିବା ଉଚିତ ଏବଂ ଏହାକୁ ଫ୍ଲାଗ ଦେଶ ଏବଂ ଆବଶ୍ୟକସ୍ଥଳେ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନକୁ ପଠାଇବା ଉଚିତ:

58.1 ଜାହାଜର ପତାକା ସ୍ଥିତି ଏବଂ ପରିଚୟ ବିବରଣୀ;

58.2 ନାମ, ଜାତୀୟତା, ମୁଖ୍ୟ ଏବଂ ମତ୍ସ୍ୟଜୀବୀଙ୍କ ଯୋଗ୍ୟତା;

58.3 ମତ୍ସ୍ୟବୃତ୍ତି ନିମିତ୍ତ ଯନ୍ତ୍ର;

58.4 ମିଳିଥିବା ମାଛର ଉତ୍ପତ୍ତି ସ୍ଥଳ, ପ୍ରଜାତି, ଆକୃତି ଏବଂ ପରିମାଣ;

58.5 ଆବଶ୍ୟକସ୍ଥଳେ, ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ କିମ୍ବା ଅନ୍ୟାନ୍ୟ ଆନ୍ତର୍ଜାତୀୟ ଚୁକ୍ତିନାମା ଦ୍ୱାରା ଆବଶ୍ୟକ ଅନ୍ୟାନ୍ୟ ସୂଚନା; ଏବଂ

58.6 ସମୁଦାୟ ବିକ୍ରୟ ଏବଂ ଗଭୀର ସମୁଦ୍ର ରେ ଜାହାଜ ରୁ ସ୍ଥାନାନ୍ତରଣ ହୋଇଥିବା ମାଛ ।

59. ଯଦି ଯାଞ୍ଚ ସମୟରେ ଏହା ଜଣାପଡେ ଯେ ଜାହାଜଟି ବନ୍ଦର ଦେଶ ଅଧୀନରେ ଥିବା ଅଞ୍ଚଳରେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ କିମ୍ବା ସମର୍ଥନ କରିଛି ବୋଲି ସନ୍ଦେହ କରିବାର ଯଥାର୍ଥ କାରଣ ଅଛି, ତେବେ ବନ୍ଦର ଦେଶ ଆନ୍ତଃର୍ଜାତୀୟ ନିୟମ ସହିତ ଅନୁରୂପ ଅନ୍ୟାନ୍ୟ କାର୍ଯ୍ୟ ବ୍ୟତୀତ ସେହି ଜାହାଜର ଫ୍ଲାଗ ଦେଶକୁ ତୁରନ୍ତ ଏହା ଅବଗତ କରିବା ଉଚିତ ଏବଂ ଆବଶ୍ୟକସ୍ଥଳେ ଉପଯୁକ୍ତ ଉପକୂଳବର୍ତ୍ତୀ ଦେଶ ତଥା ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନକୁ ତୁରନ୍ତ ବିବରଣୀ ଦେବା ଉଚିତ । ବନ୍ଦର ଦେଶ, ଫ୍ଲାଗ ଦେଶର ସହମତି ଅନୁଯାୟୀ କିମ୍ବା ଅନୁରୋଧ କ୍ରମେ ଅନ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି ।

60. ଅନୁଚ୍ଛେଦ ୫୮ ଏବଂ ୫୯ ପ୍ରୟୋଗ କରିବା ସମୟରେ, ଦେଶ ଗୁଡିକ ସେମାନଙ୍କର ଜାତୀୟ ନିୟମ ଅନୁଯାୟୀ ସଂଗୃହିତ ସୂଚନାର ଗୋପନୀୟତା ରକ୍ଷା କରିବା ଉଚିତ ।

61. ମତ୍ସ୍ୟବୃତ୍ତି ତଥା ଆନୁଷଙ୍ଗିକ କାର୍ଯ୍ୟକଳାପରେ ଜଡିତ ଜାହାଜଗୁଡ଼ିକର ନିୟନ୍ତ୍ରଣ ପାଇଁ ଦେଶ ଗୁଡିକ ଏକ ଜାତୀୟ ରଣନୀତି ଏବଂ ପଦ୍ଧତିର ପ୍ରତିଷ୍ଠା ଏବଂ ପ୍ରଚାର କରିବା ଉଚିତ । ଏଥି ସହିତ ବନ୍ଦର ଦେଶର ନିୟନ୍ତ୍ରଣ ଅଧିକାରୀଙ୍କ ପାଇଁ ତାଲିମ, ବୈଷୟିକ ସହାୟତା, ଯୋଗ୍ୟତା ଆବଶ୍ୟକତା ଏବଂ ସାଧାରଣ କାର୍ଯ୍ୟ ନିର୍ଦ୍ଦେଶାବଳୀ ସହିତ ଏହି ରଣନୀତିର ବିକାଶ ଏବଂ କାର୍ଯ୍ୟାନ୍ୱୟନରେ ଦେଶ ଗୁଡ଼ିକ ଦକ୍ଷତା ବିକାଶ ଆବଶ୍ୟକତାକୁ ମଧ୍ୟ ବିଚାର କରିବା ଉଚିତ ।

62. ମତ୍ସ୍ୟବୃତ୍ତିରେ ନିୟୋଜିତ ଥିବା ଜାହାଜଗୁଡ଼ିକର ନିୟନ୍ତ୍ରଣ ପାଇଁ ସୁସଙ୍ଗତ ପଦକ୍ଷେପ ପ୍ରସ୍ତୁତ କରିବା ପାଇଁ ଦେଶଗୁଡିକ ଉପଯୁକ୍ତ ଭାବରେ ଦ୍ୱିପାକ୍ଷିକ, ବହୁପକ୍ଷୀୟ ତଥା ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମଧ୍ୟରେ ସହଯୋଗ କରିବା ଉଚିତ । ବନ୍ଦର ଦେଶ ଗୁଡିକ ଦ୍ୱାରା ସଂଗୃହିତ ହେବାକୁ ଥିବା ସୂଚନା, ସୂଚନା ସଂଗ୍ରହର ପ୍ରକ୍ରିୟା ଏବଂ ଏହି ଜାତୀୟ, ଆଞ୍ଚଳିକ କିମ୍ବା ଆନ୍ତର୍ଜାତୀୟ ବ୍ୟବସ୍ଥାରେ ଗ୍ରହଣ କରାଯାଇଥିବା ପଦକ୍ଷେପ, ଜାହାଜ ଦ୍ୱାରା ସନ୍ଦେହଜନକ ଉଲ୍ଲଂଘନକୁ ମୁକାବିଲା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ।

63. ଦେଶଗୁଡିକ ପ୍ରାସଙ୍ଗିକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ବିକାଶ ବିଷୟରେ ତଥା ଏହି ଧାରଣା ଉପରେ ବିଚାର କରିବା ଉଚିତ ଯେ ମତ୍ସ୍ୟବୃତ୍ତି କରୁଥିବା ଯେଉଁ ଜାହାଜଗୁଡିକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନର ସଦସ୍ୟ ନୁହଁନ୍ତି ଏବଂ ସେହି ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ସହ ସହଯୋଗ କରିବାକୁ ରାଜି ହୋଇ ନାହାଁନ୍ତି ବୋଲି ଅନୁମାନ କରୁଛନ୍ତି; ଯାହା ସେହି ନିର୍ଦ୍ଦିଷ୍ଟ ସଂଗଠନର ଅଞ୍ଚଳରେ ମତ୍ସ୍ୟ କାର୍ଯ୍ୟକଳାପରେ ନିୟୋଜିତ ବୋଲି ଚିହ୍ନଟ ହୋଇଛି, ସେମାନେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ଜଡିତ ଥାଇପାରନ୍ତି । ଏହି ପରିପେକ୍ଷୀରେ ଚିହ୍ନଟ ହୋଇଥିବା ଜାହାଜ ଏହା ପ୍ରମାଣ କରିବା ଦରକାର ଯେ ଏହାଦ୍ୱାରା ଧରାଯାଇଥିବା ମାଛଗୁଡିକ, ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପ ସହିତ ଅନୁରୂପ ଭାବରେ ଧରାଯାଇଛି ଏବଂ ଏହା ନିଶ୍ଚିତ ନହେବା ପର୍ଯ୍ୟନ୍ତ ବନ୍ଦର ଦେଶ ସମ୍ପୃକ୍ତ ଜାହାଜର ମତ୍ସ୍ୟ ବିକ୍ରୟ ଏବଂ ମାଛ ଧରିବା ଉପରେ ପ୍ରତିବନ୍ଧ ଲଗାଇପାରନ୍ତି । ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ଜାହାଜଗୁଡିକର ଚିହ୍ନଟକୁ ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବଶୂନ୍ୟ ଢଙ୍ଗରେ ଓ ସହମତି ପ୍ରଣାଳୀ ମାଧ୍ୟମରେ କରାଯିବା ଉଚିତ।

64. ବନ୍ଦର ଦେଶ ନିୟନ୍ତ୍ରଣରେ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଏବଂ ଦେଶ ଗୁଡିକ ମଧ୍ୟରେ ପ୍ରାସଙ୍ଗିକ ସୂଚନା ପ୍ରବାହ ସହିତ ଦେଶ ଗୁଡିକର ସହଯୋଗ ବୃଦ୍ଧି କରିବା ଉଚିତ ।

**ଆନ୍ତର୍ଜାତୀୟ ସହମତିରେ ନିଆଯାଉଥିବା ବଜାର - ସମ୍ପର୍କିତ ପଦକ୍ଷେପ**

65. ଅନୁଚ୍ଛେଦ *୬୬* ରୁ *୭୬* ରେ ଥିବା ପଦକ୍ଷେପଗୁଡିକ ଏପରି ଢଙ୍ଗରେ କାର୍ଯ୍ୟକାରୀ କରାଯିବା ଉଚିତ ଯାହାକି ସ୍ଥାୟୀ ଭାବରେ ଅମଳ ହୋଇଥିବା ମତ୍ସ୍ୟ ଏବଂ ମତ୍ସ୍ୟଉତ୍ପାଦ ରେ ବାଣିଜ୍ୟ

କରିବାର ରାଷ୍ଟ୍ର ଗୁଡିକର ଅଧିକାରକୁ ସ୍ୱୀକୃତି ଦେଇଥାଏ ଏବଂ ସ୍ଥାପିତ ସିଦ୍ଧାନ୍ତ, ଅଧିକାର ଅନୁଯାୟୀ ଏହାର ବ୍ୟାଖ୍ୟା ଏବଂ ପ୍ରୟୋଗ କରାଯିବା ଉଚିତ । ବିଶ୍ୱ ବାଣିଜ୍ୟ ସଂଗଠନରେ ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବପୂର୍ଣ୍ଣ ଶୈଳୀରେ ଏହାକୁ କାର୍ଯ୍ୟକାରୀ କରାଯାଉଛି ।

66. ସଂପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ଚିହ୍ନିତ ଜାହାଜ ଦ୍ୱାରା ଧରାଯାଇଥିବା ମାଛକୁ ଆଇ ୟୁ ୟୁ ମତ୍ସ୍ୟ କାରବାର କିମ୍ବା ସେମାନଙ୍କ ଅଞ୍ଚଳରେ ଆମଦାନୀକୁ ରୋକିବା ପାଇଁ ଦେଶ ଗୁଡିକ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ଗ୍ରହଣ କରିବା ଉଚିତ। ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ଜାହାଜଗୁଡିକର ଚିହ୍ନଟକୁ ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବଶୂନ୍ୟ ଢଙ୍ଗରେ ଓ ସହମତି ପ୍ରଣାଳୀ ମାଧ୍ୟମରେ କରାଯିବା ଉଚିତ । ବାଣିଜ୍ୟ ସମ୍ବନ୍ଧୀୟ ପଦକ୍ଷେପଗୁଡିକ ଆନ୍ତର୍ଜାତୀୟ ଆଇନ ଅନୁଯାୟୀ ଗ୍ରହଣ ଏବଂ କାର୍ଯ୍ୟକାରୀ କରାଯିବା ଉଚିତ, ଡବ୍ଲୁ ଟି ଓ ଚୁକ୍ତିରେ ପ୍ରତିଷ୍ଠିତ ସିଦ୍ଧାନ୍ତ, ଅଧିକାର ଏବଂ ଦାୟିତ୍ୱକୁ ଅନ୍ତର୍ଭୁକ୍ତ କରି ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବ ଶୂନ୍ୟ ଭାବରେ କାର୍ଯ୍ୟକାରୀ କରାଯିବା ଉଚିତ। ଯେଉଁଠାରେ ଅନ୍ୟାନ୍ୟ ପଦକ୍ଷେପ ଆଇ ୟୁ ୟୁ ମତ୍ସ୍ୟଜୀବୀଙ୍କୁ ରୋକିବା, ନିବାରଣ କରିବା ଏବଂ ହଟାଇବାରେ ଅସଫଳ ପ୍ରମାଣିତ ହୋଇଛି ସେହି କ୍ଷେତ୍ରରେ କେବଳ ଆଗ୍ରହୀ ଦେଶ ମାନଙ୍କ ସହିତ ପରାମର୍ଶ ପରେ, ବାଣିଜ୍ୟ ସମ୍ବନ୍ଧୀୟ ପଦକ୍ଷେପଗୁଡିକ କେବଳ ବ୍ୟତିକ୍ରମ ପରିସ୍ଥିତିରେ ବ୍ୟବହୃତ ହେବା ଉଚିତ । ଏକପାଖିଆ ବାଣିଜ୍ୟ ସମ୍ବନ୍ଧୀୟ ପଦକ୍ଷେପକୁ ଏଡାଇବା ଉଚିତ।

67. ଦେଶ ଗୁଡିକ ନିଶ୍ଚିତ କରିବା ଉଚିତ ଯେ ମତ୍ସ୍ୟ ଏବଂ ମତ୍ସ୍ୟ ଉତ୍ପାଦଗୁଡିକର ଆନ୍ତର୍ଜାତୀୟ ବାଣିଜ୍ୟ ପଦକ୍ଷେପଗୁଡିକ ସ୍ୱଚ୍ଛ, ବୈଜ୍ଞାନିକ ପ୍ରମାଣ ଉପରେ ଆଧାରିତ ଏବଂ ଆବଶ୍ୟକସ୍ଥଳେ ଆନ୍ତର୍ଜାତୀୟ ସ୍ତରରେ ସହମତ ନିୟମ ଅନୁଯାୟୀ ନିର୍ଦ୍ଧାରିତ ।

68. ଡବ୍ଲୁ ଟି ଓ ସହିତ ଅନୁରୂପ ଉପଯୁକ୍ତ ବହୁପକ୍ଷୀୟ ସହମତି ଭିତ୍ତିକ ବାଣିଜ୍ୟ ସମ୍ବନ୍ଧୀୟ ପଦକ୍ଷେପ ଗ୍ରହଣ କରିବାକୁ, ସମ୍ପୃକ୍ତ ବିଶ୍ୱ ତଥା ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମାଧ୍ୟମରେ ଦେଶ ଗୁଡିକ ସହଯୋଗ କରିବା ଉଚିତ । ଯାହା ନିର୍ଦ୍ଦିଷ୍ଟ ମତ୍ସ୍ୟ ଭଣ୍ଡାର କିମ୍ବା ପ୍ରଜାତି ପାଇଁ ଆଇ ୟୁ ୟୁ ମାଛ ଧରିବାକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆବଶ୍ୟକ ହୋଇପାରେ । ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂସ୍ଥାଗୁଡ଼ିକରେ ଧାର୍ଯ୍ୟ ହୋଇଥିବା ବହୁପକ୍ଷୀୟ ବାଣିଜ୍ୟ ସମ୍ବନ୍ଧୀୟ ପଦକ୍ଷେପଗୁଡିକ ସହଯୋଗ ପ୍ରୟାସକୁ ସମର୍ଥନ କରିବା ପାଇଁ ବ୍ୟବହୃତ ହୋଇପାରେ ଏବଂ ନିର୍ଦ୍ଦିଷ୍ଟ ମତ୍ସ୍ୟ ଓ ମତ୍ସ୍ୟ ଉତ୍ପାଦର ବାଣିଜ୍ୟ କୌଣସି ପ୍ରକାରେ ଆଇ ୟୁ ୟୁ ମତ୍ସ୍ୟଜୀବୀଙ୍କୁ ଉତ୍ସାହିତ କରେ ନାହିଁ କିମ୍ବା ୧୯୮୨ ମସିହା ମିଳିତ ଜାତିସଂଘ ସମ୍ମିଳନୀ ଅନୁସାରେ ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପଗୁଡ଼ିକର ପ୍ରଭାବକୁ କ୍ଷୁର୍ଣ୍ଣ କରେ ନାହିଁ ।

69. ଆଇ ୟୁ ୟୁ ମତ୍ସ୍ୟବୃତ୍ତିରୁ ଉତ୍ପନ୍ନ ମତ୍ସ୍ୟ ଏବଂ ମତ୍ସ୍ୟଉତ୍ପାଦ ର ବାଣିଜ୍ୟକୁ ହ୍ରାସ କିମ୍ବା ହଟାଇବା ପାଇଁ ବାଣିଜ୍ୟ ସମ୍ବନ୍ଧୀୟ ପଦକ୍ଷେପରେ ବହୁପକ୍ଷୀୟ ମାଛ ଧରା ଦସ୍ତାବେଜ ଏବଂ ପ୍ରମାଣପତ୍ର ଆବଶ୍ୟକତା ଗ୍ରହଣ କରିବା ସହିତ ଆମଦାନୀ ଏବଂ ରପ୍ତାନି ସମେତ ନିୟନ୍ତ୍ରଣ କିମ୍ବା ନିଷେଧ ପରି ଅନ୍ୟାନ୍ୟ ବହୁପକ୍ଷୀୟ ସହମତ ପଦକ୍ଷେପ ଗ୍ରହଣ କରିପାରନ୍ତି । ଏପରି ପଦକ୍ଷେପଗୁଡିକ

ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବ ଶୂନ୍ୟ ଭାବରେ ଗ୍ରହଣ କରାଯିବା ଉଚିତ । ଯେତେବେଳେ ଏହିପରି ପଦକ୍ଷେପ ଗ୍ରହଣ କରାଯାଏ, ଦେଶଗୁଡିକ ସେମାନଙ୍କର ସ୍ଥିର ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତାକୁ ସମର୍ଥନ କରିବା ଉଚିତ ।

70. ଆଇ ୟୁ ୟୁ ମତ୍ସ୍ୟବୃତ୍ତି ରେ ନିୟୋଜିତ ଜାହାଜ ପାଇଁ ଆର୍ଥିକ ପ୍ରୋତ୍ସାହନକୁ ହ୍ରାସ କରିବା କିମ୍ବା ଦୂର କରିବା ପାଇଁ ଗଚ୍ଛିତ ପ୍ରଜାତି କିମ୍ବା ପ୍ରଜାତି-ନିର୍ଦ୍ଦିଷ୍ଟ ବାଣିଜ୍ୟ ସମ୍ବନ୍ଧୀୟ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

71. ମତ୍ସ୍ୟ କିମ୍ବା ମତ୍ସ୍ୟଉତ୍ପାଦ ର ଅନୁସନ୍ଧାନକୁ ଅନୁମତି ଦେବା ପାଇଁ ଦେଶଗୁଡିକ ସେମାନଙ୍କ ବଜାରର ସ୍ୱଚ୍ଛତାକୁ ଉନ୍ନତ କରିବା ପାଇଁ ପଦକ୍ଷେପ ନେବା ଉଚିତ ।

72. ଯଦି କୌଣସି ଆଗ୍ରହୀ ଦେଶ, ଏହାର ଜଳରାଶି ରେ ବେଆଇନ ଭାବେ ଅମଳ ହୋଇଥିବା ମାଛ ଏବଂ ମତ୍ସ୍ୟଉତ୍ପାଦ ର ବାଣିଜ୍ୟକୁ ରୋକିବାକୁ ଅନୁରୋଧ କରେ ତେବେ ଦେଶ ଗୁଡିକ ସେହି ଦେଶକୁ ସାହାଯ୍ୟ କରିବା ଉଚିତ । ଉଭୟ ଦେଶ ସହମତ ହୋଇଥିବା ସର୍ତ୍ତ ଅନୁଯାୟୀ ସହାୟତା ପ୍ରଦାନ କରିବା ଉଚିତ ଏବଂ ସହାୟତା ମାଗୁଥିବା ଦେଶ ର ଅଧିକାରକୁ ପୂର୍ଣ୍ଣ ସମ୍ମାନ ଦେବା ଉଚିତ।

73. ଦେଶ ଗୁଡିକ ଏହା ନିଶ୍ଚିତ କରିବାକୁ ପଦକ୍ଷେପ ନେବା ଉଚିତ ଯେ ସେମାନଙ୍କ ଆମଦାନୀକାରୀ, ଗଭୀର ସମୁଦ୍ରର ସ୍ଥାନାନ୍ତରଣକାରୀ , କ୍ରେତା, ଗ୍ରାହକ, ଉପକରଣ ଯୋଗାଣକାରୀ, ବ୍ୟାଙ୍କର, ବୀମାକାରୀ, ଅନ୍ୟାନ୍ୟ ସେବା ଯୋଗାଣକାରୀ ଏବଂ ଜନସାଧାରଣ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ ଜାହାଜ ସହିତ ବ୍ୟବସାୟ କରିବାର କ୍ଷତିକାରକ ପ୍ରଭାବ ବିଷୟରେ ଜାଣିଛନ୍ତି । ଯେଉଁ ଦେଶ ଅଧୀନରେ ଏହି ଜାହାଜ କାର୍ଯ୍ୟ କରୁଛି କିମ୍ବା ସଂପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ଏହାର ଚୁକ୍ତିନାମା ଅନୁଯାୟୀ କାର୍ଯ୍ୟ କରୁଛି ଏବଂ ଏହି ବ୍ୟବସାୟକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରିବା ଉଚିତ। ଏହି ପଦକ୍ଷେପଗୁଡିକ ଜାତୀୟ ନିୟମ ଅନୁଯାୟୀ ଆଇ ୟୁ ୟୁ ମତ୍ସ୍ୟ ବୃତ୍ତି ଦ୍ୱାରା ଉତ୍ପାଦିତ ମାଛ କିମ୍ବା ମତ୍ସ୍ୟଉତ୍ପାଦ ରେ ବାଣିଜ୍ୟ କରିବା ଏକ ବେଆଇନ କାର୍ଯ୍ୟ ବୋଲି ଅନ୍ତର୍ଭୂକ୍ତ କରିପାରେ । ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ ଜାହାଜଗୁଡ଼ିକର ସମସ୍ତ ପରିଚୟ ଯାଞ୍ଚ ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବ ଶୂନ୍ୟ ଭାବରେ କରାଯିବା ଉଚିତ ।

74. ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ ଜାହାଜଗୁଡ଼ିକ ସହିତ ବ୍ୟବସାୟ କରୁଥିବା ଆମଦାନୀକାରୀ, ଗଭୀର ସମୁଦ୍ରର ସ୍ଥାନାନ୍ତରଣକାରୀ, କ୍ରେତା, ଗ୍ରାହକ, ଯନ୍ତ୍ରପାତି ଯୋଗାଣକାରୀ, ବ୍ୟାଙ୍କର, ବୀମାକାରୀ ଏବଂ ଅନ୍ୟାନ୍ୟ ସେବା ଯୋଗାଣକାରୀଙ୍କ ସହିତ ବ୍ୟବସାୟର କ୍ଷତିକାରକ ପ୍ରଭାବ ବିଷୟରେ ସେମାନଙ୍କ ମତ୍ସ୍ୟଜୀବୀମାନେ ସଚେତନ ହେବା ପାଇଁ ଦେଶ ଗୁଡିକ ପଦକ୍ଷେପ ନେବା ଉଚିତ ଏବଂ ଯଦି ଆଇ ୟୁ ୟୁ ମତ୍ସ୍ୟରେ ନିୟୋଜିତ ଜାହାଜ ସହିତ ବ୍ୟବସାୟ କରୁଥିବା ଚିହ୍ନଟ ହୋଇଛି, ଯେଉଁ ଦେଶ ଅଧୀନରେ ଜାହାଜ ଚଳାଚଳ କରୁଛି କିମ୍ବା ସମ୍ପୃକ୍ତ ଚୁକ୍ତିନାମା ଅନୁଯାୟୀ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ଏହି ବ୍ୟବସାୟକୁ ରୋକିବା ପାଇଁ ପଦକ୍ଷେପ ଗ୍ରହଣ

କରିବା ଉଚିତ । ଜାତୀୟ ନିୟମ ଅନୁଯାୟୀ ଏହିପରି ପଦକ୍ଷେପଗୁଡିକ ଅନ୍ତର୍ଭୂକ୍ତ କରିପାରେ ଯାହା ଆଇ ୟୁ ୟୁ ମାଛ ଧରା ଦ୍ୱାରା ଉତ୍ପାଦିତ ମତ୍ସ୍ୟ ଏବଂ ମତ୍ସ୍ୟ ଉତ୍ପାଦରେ ବାଣିଜ୍ୟ କରିବା ଏକ ବେଆଇନ କାର୍ଯ୍ୟ । ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ ଜାହାଜଗୁଡ଼ିକର ସମସ୍ତ ପରିଚୟ ଏକ ନିରପେକ୍ଷ, ସ୍ୱଚ୍ଛ ଏବଂ ଭେଦଭାବ ଶୂନ୍ୟ ଭାବରେ କରାଯିବା ଉଚିତ ।

75. ଆଇ ପି ଓ ଏ ର କାର୍ଯ୍ୟକାରିତାକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବା ପାଇଁ ଦେଶ ମାନେ ମତ୍ସ୍ୟ ଏବଂ ମତ୍ସ୍ୟ ଉତ୍ପାଦ ପାଇଁ ସୁସଂଗଠିତ ଦ୍ରବ୍ୟର ବର୍ଣ୍ଣନା ଏବଂ କୋଡିଂ ତନ୍ତ୍ର ବ୍ୟବହାର ଦିଗରେ କାର୍ଯ୍ୟ କରିବା ଉଚିତ।

76. ପ୍ରମାଣପତ୍ର ଏବଂ ଦସ୍ତାବେଜ ର ଆବଶ୍ୟକତା ଯଥାସମ୍ଭବ ମାନକ ହେବା ଉଚିତ ଏବଂ ଇଲେକ୍ଟ୍ରୋନିକ ସ୍କିମ ଯେଉଁଠାରେ ସମ୍ଭବ ସେମାନଙ୍କ ବିକାଶକୁ ସୁନିଶ୍ଚିତ କରିବା, ଠକେଇର ସୁଯୋଗ ହ୍ରାସ କରିବା ଏବଂ ବାଣିଜ୍ୟ ଉପରେ ଅନାବଶ୍ୟକ ଭାରକୁ ଏଡ଼ାଇବା ପାଇଁ ବିକଶିତ ହେବା ଆବଶ୍ୟକ।

**ଅନୁସନ୍ଧାନ**

77. ପ୍ରକ୍ରିୟାକୃତ ଦ୍ରବ୍ୟର ନମୁନାରୁ ମାଛ ପ୍ରଜାତି ଚିହ୍ନଟ କରିବାର ପଦ୍ଧତି ଉପରେ ଦେଶଗୁଡିକ ବୈଜ୍ଞାନିକ ଅନୁସନ୍ଧାନକୁ ଉତ୍ସାହିତ କରିବା ଉଚିତ । ପ୍ରକ୍ରିୟାକୃତ ଉତ୍ପାଦରୁ ମାଛ ପ୍ରଜାତିଗୁଡ଼ିକୁ ଚିହ୍ନିବା ପାଇଁ ବ୍ୟବହୃତ ଜେନେଟିକ ଏବଂ ଅନ୍ୟାନ୍ୟ ମାର୍କର ପରିସଂଖ୍ୟାନର ଏକ ନେଟୱାର୍କ ପ୍ରତିଷ୍ଠା, ଯେଉଁଠାରେ ସମ୍ଭବ ଉତ୍ପାଦର ଗଚ୍ଛିତ ଭଣ୍ଡାର ଚିହ୍ନଟ କରିବାର କ୍ଷମତା ଅନ୍ତର୍ଭୁକ୍ତ ଇତ୍ୟାଦିରେ ଏଫ ଏ ଓ ସୁବିଧା କରାଇବା ଉଚିତ ।

**ଆଞ୍ଚଳିକ ମତ୍ସ୍ୟବୃତ୍ତି ପରିଚାଳନା ସଂଗଠନ**

78. ଆଇ ୟୁ ୟୁ ମତ୍ସ୍ୟବୃତ୍ତି ଉପରେ ସିଦ୍ଧାନ୍ତ ଏବଂ ପଦକ୍ଷେପଗୁଡିକର ଅନୁପାଳନ ଏବଂ କାର୍ଯ୍ୟକାରିତାକୁ ଦେଶଗୁଡିକ ନିଶ୍ଚିତ କରିବା ଉଚିତ ଯାହା କୌଣସି ପ୍ରାସଙ୍ଗିକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ଗ୍ରହଣ କରାଯାଇଥାଏ ଏବଂ ଯାହା ଦ୍ୱାରା ସେମାନେ ଅନୁବନ୍ଧିତ ଥିଲେ। ଯେଉଁ ଅଞ୍ଚଳରେ ବର୍ତ୍ତମାନ ଉପସ୍ଥିତି ନାହିଁ ସେହି ଅଞ୍ଚଳରେ ଏପରି ସଂଗଠନଗୁଡ଼ିକର ପ୍ରତିଷ୍ଠା ପାଇଁ ଦେଶ ଗୁଡିକ ସହଯୋଗ କରିବା ଉଚିତ।

79. ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡିକର ସଫଳତା ପାଇଁ ସମସ୍ତ ପ୍ରାସଙ୍ଗିକ ଦେଶଗୁଡିକର ସହଯୋଗ ଗୁରୁତ୍ୱପୂର୍ଣ୍ଣ ଅଟେ । ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନର ସଦସ୍ୟ ନଥିବା ଦେଶଗୁଡିକ ସେମାନଙ୍କର ଆନ୍ତର୍ଜାତୀୟ ଦାୟିତ୍ୱ ଅନୁଯାୟୀ, ସେହି ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ସହିତ ସହଯୋଗ କରିବା ଉଚିତ । ସେହି ଉଦ୍ଦେଶ୍ୟରେ, ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ସ୍ଥାପିତ ସଂରକ୍ଷଣ ତଥା ପରିଚାଳନା ପଦକ୍ଷେପ ପ୍ରୟୋଗ

କରିବାକୁ କିମ୍ବା ସେହି ସଂରକ୍ଷଣ ଏବଂ ପରିଚାଳନା ପଦକ୍ଷେପ ସହିତ ଅନୁରୂପ ପଦକ୍ଷେପ ଗ୍ରହଣ କରିବାକୁ ଦେଶମାନେ ସହଯୋଗ କରିବାକୁ ସେମାନଙ୍କର କର୍ତ୍ତବ୍ୟକୁ ପ୍ରଭାବିତ କରିବା ଉଚିତ । ଜାହାଜଗୁଡିକର ସୁନିଶ୍ଚିତ ଥିବା ପତାକା ଉଡ଼ାଇବାର ଅଧିକାର ଏପରି ପଦକ୍ଷେପକୁ କ୍ଷୁର୍ଣ୍ଣ କରେ ନାହିଁ ।

୪୦. ସଂପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମାଧ୍ୟମରେ କାର୍ଯ୍ୟ କରୁଥିବା ଦେଶଗୁଡିକ, ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ଅଭିନବ ଉପାୟକୁ ଦୃଢ କରି ବିକାଶ ପାଇଁ ପଦକ୍ଷେପ ନେବା ଉଚିତ । ସେଥିପାଇଁ ନିମ୍ନଲିଖିତ ପଦକ୍ଷେପଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ଧ୍ୟାନ ଦେବା ଉଚିତ:

୪୦.1 ଆବଶ୍ୟକସ୍ଥଳେ ଅନୁଷ୍ଠାନିକ ଶକ୍ତି ବଢ଼ାଇବା ଉଦ୍ଦେଶ୍ୟରେ, ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂସ୍ଥାଗୁଡ଼ିକର କ୍ଷମତା ବଢାଇବା ଉଚିତ;

୪୦.2 ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ଅନୁପାଳନ ପଦକ୍ଷେପଗୁଡ଼ିକର ବିକାଶ କରାଇବା ଆବଶ୍ୟକ;

୪୦.3 ବାଧ୍ୟତାମୂଳକ ବିବରଣୀ ପାଇଁ ବିସ୍ତୃତ ବ୍ୟବସ୍ଥାର ବିକାଶ ଏବଂ କାର୍ଯ୍ୟାନ୍ୱୟନ;

୪୦.4 ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ କିମ୍ବା ସମର୍ଥନ କରୁଥିବା ଜାହାଜଗୁଡ଼ିକ ବିଷୟରେ ସୂଚନା ଆଦାନ ପ୍ରଦାନ ନିମନ୍ତେ ବ୍ୟବସ୍ଥା ଏବଂ ସହଯୋଗ ।

୪୦.5 ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନର ପରିଚାଳିତ କ୍ଷେତ୍ରରେ ଉଭୟ ପ୍ରାଧୀକୃତ ମତ୍ସ୍ୟବୃତ୍ତି ଜାହାଜମାନଙ୍କୁ ଏବଂ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ ନିୟୋଜିତ କିମ୍ବା ସମର୍ଥନ କରୁଥିବା ବ୍ୟକ୍ତିଙ୍କୁ ଅନ୍ତର୍ଭୁକ୍ତ କରି ସରକାରୀ ନଥି ର ବିକାଶ ଏବଂ ରକ୍ଷଣାବେକ୍ଷଣ ।

୪୦.6 ଆଇ ୟୁ ୟୁ ମତ୍ସ୍ୟବୃତ୍ତି ଉପରେ ନଜର ରଖିବା ପାଇଁ ବାଣିଜ୍ୟ ସୂଚନା ପ୍ରବାହ ଏବଂ ଏହାର ବ୍ୟବହାର ପଦ୍ଧତିର ବିକାଶ ।

୪୦.7 ଏମ ସି ଏସ ର ବିକାଶ, ଏହାର ସଦସ୍ୟମାନଙ୍କ ଦ୍ୱାରା ନିଜ ନିଜ ଅଧୀନରେ କାର୍ଯ୍ୟାନ୍ୱୟନ ପାଇଁ ପ୍ରୋତ୍ସାହିତ କରିବା ସହିତ, ଯଦି କୌଣସି ଆନ୍ତର୍ଜାତୀୟ ଚୁକ୍ତିନାମା, ବାସ୍ତବିକ ସମୟରେ ଧରା ହୋଇଥିବା ମାଛ ଏବଂ ଜାହାଜ ତଦାରଖ କାରୀ ତନ୍ତ୍ର, ଅନ୍ୟାନ୍ୟ ନୂତନ ପ୍ରଯୁକ୍ତିବିଦ୍ୟା, ବିକ୍ରୟ ଉପରେ ନଜର ରଖିବା, ବନ୍ଦର ନିୟନ୍ତ୍ରଣ ଏବଂ ଯାଞ୍ଚ ଓ ଉପଯୁକ୍ତ ଗଭୀର ସମୁଦ୍ରରେ ମତ୍ସ୍ୟ ସ୍ଥାନାନ୍ତରଣ ନିୟମାବଳୀ ଉପରେ ଧ୍ୟାନ ଦେବା ।

୪୦.8 ଏକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମଧ୍ୟରେ ବିକାଶ, ଆବଶ୍ୟକସ୍ଥଳେ ଆବାସିକ ଏବଂ ଯାଞ୍ଚ ବ୍ୟବସ୍ଥାର ଆନ୍ତର୍ଜାତୀୟ ନିୟମ ସହିତ ଅନୁରୂପ, ମାଷ୍ଟର ଏବଂ ଯାଞ୍ଚ ଅଧିକାରୀଙ୍କ ଅଧିକାର ଏବଂ ଦାୟିତ୍ୱକୁ ସ୍ୱୀକୃତି ଦେଇଥାଏ ।

୫୦.୨ ପର୍ଯ୍ୟବେକ୍ଷକ କାର୍ଯ୍ୟକ୍ରମ ର ବିକାଶ;

୫୦.10 ଆବଶ୍ୟକସ୍ଥଳେ, ଆଇ ପି ଓ ଏ ଅନୁଯାୟୀ ବଜାର ସମ୍ବନ୍ଧୀୟ ପଦକ୍ଷେପ;

୫୦.11 ପରିସ୍ଥିତିର ସଂଜ୍ଞା ଯେଉଁଥିରେ ଜାହାଜଗୁଡ଼ିକ ଆଇ ୟୁ ୟୁ ମତ୍ସ୍ୟସଂଗ୍ରହରେ ନିୟୋଜିତ କିମ୍ବା ସମର୍ଥନ କରିଥିବା ମାନି ନିଆଯାଏ ।

୫୦.12 ଶିକ୍ଷା ଏବଂ ଜନସଚେତନତା କାର୍ଯ୍ୟକ୍ରମର ବିକାଶ;

୫୦.13 କାର୍ଯ୍ୟ ଯୋଜନାଗୁଡ଼ିକର ବିକାଶ; ଏବଂ

୫୦.14 ଆଇ ୟୁ ୟୁ ମତ୍ସ୍ୟବୃତ୍ତି ହୋଇପାରେ ବୋଲି ସନ୍ଦେହ ଆସିଲେ ସଦସ୍ୟଙ୍କ ଦ୍ୱାରା ସହମତ, ଅଧିକାରପତ୍ର ବ୍ୟବସ୍ଥାର ପରୀକ୍ଷଣ ଇତ୍ୟାଦି ।

୫1. ସଂପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମାଧ୍ୟମରେ କାର୍ଯ୍ୟ କରୁଥିବା ଦେଶଗୁଡିକ ଠିକ୍ ସମୟରେ ଏବଂ ଅନ୍ତତଃ ପକ୍ଷେ ବାର୍ଷିକ ଭିତ୍ତିରେ ଅନ୍ୟ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ତଥା ଏଫ ଏ ଓ କୁ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ସମ୍ବନ୍ଧୀୟ ସୂଚନା ପ୍ରଦାନ ଏବଂ ଉପଲବ୍ଧ କରାଇବା ଉଚିତ । ଯଥା:

୫1.1 ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନର ଦକ୍ଷତା କ୍ଷେତ୍ରରେ ଆଇ ୟୁ ୟୁ କାର୍ଯ୍ୟକଳାପର ପରିମାଣ, ବିବରଣୀ ଏବଂ ପ୍ରକାରର ଆକଳନ;

୫1.2 ଆଇ ୟୁ ୟୁ ମତ୍ସ୍ୟ ଉତ୍ପାଦନକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଗୁଡ଼ିକର ବିବରଣୀ ।

୫1.3 ଉପଯୁକ୍ତ ଭାବରେ ମାଛଧରାକୁ ଅନୁମତି ପ୍ରାପ୍ତ ଜାହାଜଗୁଡ଼ିକର ସରକାରୀ ନଥି; ଏବଂ

୫1.4 ଆଇ ୟୁ ୟୁ ମାଛ ଧରିବାରେ ନିୟୋଜିତ ଜାହାଜଗୁଡ଼ିକର ସରକାରୀ ନଥି ।

୫2. ଆଇ ୟୁ ୟୁ ମତ୍ସ୍ୟବୃତ୍ତି ସଂପର୍କରେ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନଗୁଡ଼ିକ ର ସଂସ୍ଥା ଏବଂ ସିଦ୍ଧାନ୍ତ ମଜବୁତ କରିବାର ଲକ୍ଷ୍ୟଗୁଡିକ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନଗୁଡ଼ିକୁ ସକ୍ଷମ କରିବା ଉଚିତ, ଯଥା

୫2.1 ଉଭୟ ଆଭ୍ୟନ୍ତରୀଣ ଉଦ୍ଦେଶ୍ୟ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ସହିତ ସମନ୍ୱୟ ପାଇଁ, ଆଇ ୟୁ ୟୁ ମତ୍ସ୍ୟ ସମ୍ବନ୍ଧୀୟ ସିଦ୍ଧାନ୍ତ ର ଉଦ୍ଦେଶ୍ୟ ନିର୍ଣ୍ଣୟ କରିବା,

୫2.2 ଆଇ ୟୁ ୟୁ ମତ୍ସ୍ୟ ସମ୍ବନ୍ଧୀୟ ସିଦ୍ଧାନ୍ତ ଗୁଡିକର ସର୍ବୋତ୍କୃଷ୍ଟ କାର୍ଯ୍ୟକାରିତା ପାଇଁ ଆଦେଶ, କାର୍ଯ୍ୟ, ଅର୍ଥ, ନିଷ୍ପତ୍ତି ନେବା, ବିବରଣୀ କିମ୍ବା ସୂଚନା ଆବଶ୍ୟକତା ଏବଂ କାର୍ଯ୍ୟକାରୀ ଯୋଜନାର ଅନ୍ତର୍ଭୂକ୍ତ କରି ଆନୁଷ୍ଠାନିକ କୌଶଳକୁ ସୁଦୃଢ କରିବା,

୪୨.3 ଅନ୍ୟାନ୍ୟ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂସ୍ଥାଗୁଡ଼ିକର ଆନୁଷ୍ଠାନିକ କୌଶଳ ସହିତ ଆଇ ୟୁ ୟୁ ମତ୍ସ୍ୟ ସମ୍ବନ୍ଧରେ ଯଥା ସମ୍ଭବ ସୂଚନା, କାର୍ଯ୍ୟକାରିତା ଏବଂ ବାଣିଜ୍ୟ ଦିଗ ସହିତ ସମନ୍ୱୟକୁ ନିୟମିତ କରିବା; ଏବଂ

୪୨.4 ଆଭ୍ୟନ୍ତରୀଣ ଏବଂ ଅନ୍ୟାନ୍ୟ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଏବଂ ସଂପୃକ୍ତ ଆଞ୍ଚଳିକ ଏବଂ ଆନ୍ତର୍ଜାତିକ ସଂଗଠନଗୁଡ଼ିକର ସହଯୋଗରେ ସିଦ୍ଧାନ୍ତ ଏବଂ ପଦକ୍ଷେପଗୁଡିକ ର ସମୟ ଏବଂ କାର୍ଯ୍ୟକାରିତାକୁ ପ୍ରଭାବଶାଳୀ କରିବା ପାଇଁ ସୁନିଶ୍ଚିତ କରାଇବା ।

୪୩. ଦେଶ ଗୁଡିକ, ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମାଧ୍ୟମରେ କାର୍ଯ୍ୟ କରିବା, ଅଣ-ଚୁକ୍ତିଭିତ୍ତିକ ଗୋଷ୍ଠୀଙ୍କୁ ସେହି ସଂଗଠନ ଗୁଡ଼ିକରେ ଯୋଗଦାନ କରାଇବା ଏବଂ ସେମାନଙ୍କ କାର୍ଯ୍ୟରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିବାକୁ ସମ୍ପୃକ୍ତ ମତ୍ସ୍ୟବୃତ୍ତି ପ୍ରତି ପ୍ରକୃତ ଆଗ୍ରହ ସହିତ ଉତ୍ସାହିତ କରିବା ଉଚିତ । ଯେଉଁଠାରେ ଏହା ସମ୍ଭବ ନୁହେଁ, ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନଗୁଡିକ ପ୍ରଯୁଜ୍ୟ ଆନ୍ତର୍ଜାତୀୟ ଚୁକ୍ତିନାମା ତଥା ଆନ୍ତର୍ଜାତୀୟ ନିୟମ ଅନୁଯାୟୀ, ସମ୍ପୃକ୍ତ ମତ୍ସ୍ୟ ସମ୍ପଦର ସଂରକ୍ଷଣ ତଥା ପରିଚାଳନାରେ ତଥା କାର୍ଯ୍ୟାନ୍ୱୟନରେ ଅଣ-ଚୁକ୍ତିଭିତ୍ତିକ ଦଳର ଅଂଶଗ୍ରହଣ ଏବଂ ସହଯୋଗକୁ ଉତ୍ସାହିତ ଏବଂ ସହଜ କରିବା ଉଚିତ । ସମ୍ପୃକ୍ତ ସଂସ୍ଥା ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ , ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ମତ୍ସ୍ୟବୃତ୍ତିର ସହଯୋଗ ବୃଦ୍ଧି ଏବଂ ମତ୍ସ୍ୟବୃତ୍ତିରେ ସ୍ଥିରତା ବୃଦ୍ଧି ପାଇଁ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନଗୁଡ଼ିକ ସମ୍ବଳ ସମସ୍ୟାକୁ ସମାଧାନ କରିବା ଉଚିତ । ସଂପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ମାଧ୍ୟମରେ କାର୍ଯ୍ୟ କରୁଥିବା ରାଜ୍ୟଗୁଡିକ ମଧ୍ୟ ଆବଶ୍ୟକତା ଅନୁଯାୟୀ ଆଇ ପି ଓ ଏ ର ଅନୁଚ୍ଛେଦ ୭୮ ଏବଂ ୭୯ ର କାର୍ଯ୍ୟାନ୍ୱୟନରେ ଅଣ-ଚୁକ୍ତିଭିତ୍ତିକ ଦଳମାନଙ୍କୁ ସାହାଯ୍ୟ କରିବା ଉଚିତ ।

୪୪. ଯେତେବେଳେ ଏକ ଦେଶ ନିଶ୍ଚିତ କରିବାକୁ ବିଫଳ ହୁଏ ଯେ ମତ୍ସ୍ୟଜୀବୀ ଜାହାଜଗୁଡ଼ିକ ଏହାର ପତାକା ଉଡ଼ାଇବାର ଅଧିକାର ଅଛି, କିମ୍ବା ଯଥା ସମ୍ଭବ ଏହାର ନାଗରିକମାନେ ଆଇ ୟୁ ୟୁ ମତ୍ସ୍ୟ କାର୍ଯ୍ୟକଳାପରେ ନିୟୋଜିତ ହୁଅନ୍ତି ନାହିଁ ତାହା ଏକ ସମ୍ପୃକ୍ତ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନ ଦ୍ୱାରା ଅନ୍ତର୍ଭୁକ୍ତ ମତ୍ସ୍ୟ ଭଣ୍ଡାର ଉପରେ ପ୍ରଭାବ ପକାଇଥାଏ । ସଂଗଠନ ମାଧ୍ୟମରେ କାର୍ଯ୍ୟ କରୁଥିବା ସଦସ୍ୟ ଦେଶମାନେ ସେହି ସମସ୍ୟାକୁ ସେହି ଦେଶର ଦୃଷ୍ଟି ଆକର୍ଷଣ କରିବା ଉଚିତ। ଯଦି ସମସ୍ୟାର ସମାଧାନ ନହୁଏ, ତେବେ ସଂଗଠନର ସଦସ୍ୟମାନେ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ସହମତ ପ୍ରକ୍ରିୟା ମାଧ୍ୟମରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ରାଜି ହୋଇପାରନ୍ତି।

## V. ବିକାଶଶୀଳ ଦେଶଗୁଡିକର ବିଶେଷ ଆବଶ୍ୟକତା

୪୫. ଦେଶଗୁଡିକ, ଏଫ ଏ ଓ ଏବଂ ସମ୍ପୃକ୍ତ ଆନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନ ଏବଂ କୌଶଳର ସହଯୋଗରେ, ଆବଶ୍ୟକ ପଡିଲେ ତାଲିମ ଏବଂ ଦକ୍ଷତା ବିକାଶରେ ସହଯୋଗ କରିବା ଉଚିତ । ବିକାଶଶୀଳ ଦେଶମାନଙ୍କୁ ଆର୍ଥିକ, ବୈଷୟିକ ଏବଂ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବାକୁ ବିଚାର

କରିବା ଉଚିତ । ବିଶେଷ ଭାବରେ ସେମାନଙ୍କ ମଧ୍ୟରେ ସର୍ବନିମ୍ନ ବିକଶିତ ଏବଂ କ୍ଷୁଦ୍ର ବିକାଶଶୀଳ ଦ୍ୱୀପ ଦେଶ ଗୁଡିକ, ଆଇ ପି ଓ ଏ  ଅଧୀନରେ ଥିବା ପ୍ରତିଶ୍ରୁତି ଏବଂ ଆନ୍ତର୍ଜାତୀୟ ନିୟମ ଅନୁଯାୟୀ ଦାୟିତ୍ୱ ସହ, ଫ୍ଲାଗ ଦେଶ  ଏବଂ ବନ୍ଦର ଦେଶ  ଭାବରେ ସେମାନଙ୍କର କର୍ତ୍ତବ୍ୟକୁ ଅଧିକ ପୂରଣ କରିପାରିବେ। ଏହିପରି ସହାୟତା ବିଶେଷ ଭାବରେ ଅନୁଚ୍ଛେଦ ୨୫  ଅନୁଯାୟୀ ଜାତୀୟ କାର୍ଯ୍ୟ ଯୋଜନାଗୁଡିକର ବିକାଶ ତଥା କାର୍ଯ୍ୟାନ୍ୱୟନରେ ଦେଶମାନଙ୍କୁ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯିବା ଉଚିତ ।

୫୬.	ଆବଶ୍ୟକ ପଡିଲେ ଦେଶ ଗୁଡିକ, ଏଫ ଏ ଓ ଏବଂ ସମ୍ପୃକ୍ତ ଆନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନ କୌଶଳ ସହଯୋଗରେ, ସହାୟତା କରିବାକୁ ସମର୍ଥ ହେବା ଉଚିତ ଯଥା:

୫6.1	ଜାତୀୟ ଆଇନ ଏବଂ ଆଞ୍ଚଳିକ ନିୟାମକ ଢାଞ୍ଚାର ସମୀକ୍ଷା ଏବଂ ସଂଶୋଧନ;

୫6.2	ମତ୍ସ୍ୟ ଉତ୍ପାଦନ ର ଉନ୍ନତି ଏବଂ ସମନ୍ୱୟ ଏବଂ ଆନୁଷଙ୍ଗିକ ତଥ୍ୟ ସଂଗ୍ରହ;

୫6.3	ଆଞ୍ଚଳିକ ଅନୁଷ୍ଠାନ ଗୁଡ଼ିକର ଶକ୍ତିବୃଦ୍ଧି; ଏବଂ

୫6.4	ଉପଗ୍ରହ ମନିଟରିଂ ତନ୍ତ୍ର ଅନ୍ତର୍ଭୁକ୍ତ ଏକୀକୃତ ଏମ ସି ଏସ ତନ୍ତ୍ର କୁ ଦୃଢ ଏବଂ ବୃଦ୍ଧି କରାଇବା

## VI. ବିବରଣୀ

୫7.	ଦେଶ ଏବଂ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ସଂଗଠନଗୁଡ଼ିକ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ସେମାନଙ୍କର ଯୋଜନାଗୁଡିକର କାର୍ଯ୍ୟକାରିତା ସହିତ ଏଫ ଏ ଓ କୁ ବିବରଣୀ ଦେବା ଉଚିତ । ଏହି ବିବରଣୀଗୁଡିକ ଏଫ ଏ ଓ ଦ୍ୱାରା ଏକ ସମୟରେ ପ୍ରକାଶିତ ହେବା ଉଚିତ ।

## VII. ଏଫ ଏ ଓ ର ଭୂମିକା

୫୫.	ଏଫ ଏ ଓ, ଯେପରି ଏହାର ସମ୍ମିଳନୀ ଦ୍ୱାରା ନିର୍ଦ୍ଦେଶିତ, ସମସ୍ତ ପ୍ରାସଙ୍ଗିକ ସୂଚନା ଏବଂ ତଥ୍ୟ ସଂଗ୍ରହ କରିବ ଯାହା କାରକ ଚିହ୍ନଟ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପରବର୍ତ୍ତୀ ବିଶ୍ଳେଷଣ ପାଇଁ ଆଧାର ହୋଇପାରେ ଏବଂ ଆଇ ୟୁ ୟୁ ମତ୍ସ୍ୟବୃତ୍ତିରେ କାରଣ ଖୋଜିବାରେ ସହାୟକ ହେଉଥିବ । ଯେପରିକି, ଇନପୁଟ ଏବଂ ଆଉଟପୁଟ ପରିଚାଳନା ନିୟନ୍ତ୍ରଣର ଅଭାବ, ଅସ୍ଥାୟୀ ମତ୍ସ୍ୟ ପରିଚାଳନା ପ୍ରଣାଳୀ ଏବଂ ଆର୍ଥିକ ସହାୟତା ଇତ୍ୟାଦିକୁ ଚିହ୍ନଟ କରି ପାରିବ ।

୫୨.	ଏଫ ଏ ଓ, ଏହାର ସମ୍ମିଳନୀ ଦ୍ୱାରା ନିର୍ଦ୍ଦେଶିତ କାର୍ଯ୍ୟରେ, ନିୟମିତ ପାଣ୍ଠି ସହିତ ନିର୍ଦ୍ଦିଷ୍ଟ ଦେଶରେ ବୈଷୟିକ ସହାୟତା ପ୍ରକଳ୍ପ ମାଧ୍ୟମରେ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ଜାତୀୟ ତଥା ଆଞ୍ଚଳିକ ଯୋଜନା ଗୁଡିକର ବିକାଶ ତଥା

କାର୍ଯ୍ୟକାରିତାକୁ ସମର୍ଥନ କରିବ । ଏହି ଉଦ୍ଦେଶ୍ୟ ପାଇଁ ସଂଗଠନକୁ ଅତିରିକ୍ତ ବଜେଟ୍ ପାଣ୍ଠି ଉପଲବ୍ଧ ହେବା ଉଚିତ ।

90. ଏଫ ଏ ଓ, ଅନ୍ୟାନ୍ୟ ସମ୍ପୃକ୍ତ ଆନ୍ତର୍ଜାତୀୟ ସଂଗଠନ, ବିଶେଷ ଭାବରେ ଆଇ ଏମ ଓ ସହିତ ମିଳିତ ଭାବରେ, ଆଇ ୟୁ ୟୁ ମତ୍ସ୍ୟବୃତ୍ତି ସମସ୍ୟା ବିଷୟରେ ଅଧିକ ଅନୁସନ୍ଧାନ କରିବା ଉଚିତ ।

91. ଆଇ ପି ଓ ଏ ର ଅନୁଚ୍ଛେଦ ୭୬ ର କାର୍ଯ୍ୟାନ୍ୱୟନ ଉପରେ ଏଫ ଏ ଓ ଏକ ବିଶେଷଜ୍ଞ ପରାମର୍ଶ ଡାକିବା ଉଚିତ ।

92. ୧୯୯୩ ମସିହାର ଏଫ ଏ ଓ ନିୟମ ଚୁକ୍ତିନାମାର ଧାରା ୬ ରେ ପ୍ରଦାନ କରାଯାଇଥିବା ସୂଚନା ସହିତ ସୀମିତ ନ ରହି ଏଫ ଏ ଓ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ଡାଟାବେସ୍ ପ୍ରତିଷ୍ଠା ତଥା ରକ୍ଷଣାବେକ୍ଷଣର ଲାଭଗୁଡିକ ଅନୁସନ୍ଧାନ କରିବା ଉଚିତ ।

93. ମତ୍ସ୍ୟ ବିଭାଗ ଉପରେ ଏଫ ଏ ଓ କମିଟି, ସଚିବାଳୟର ବିସ୍ତୃତ ବିଶ୍ଳେଷଣ ଉପରେ ଆଧାର କରି, ଦ୍ୱି-ବର୍ଷୀୟ ଭାବରେ ଆଇ ପି ଓ ଏ ର କାର୍ଯ୍ୟକାରିତା ଦିଗରେ ଅଗ୍ରଗତିର ମୂଲ୍ୟାଙ୍କନ କରିବା ଉଚିତ ।

ଆଇ ପି ଓ ଏ - ଆଇ ୟୁ ୟୁ ହେଉଛି ଏକ ସ୍ୱେଚ୍ଛାକୃତ ଉପକରଣ ଯାହା ସମସ୍ତ ଦେଶ, ସଂସ୍ଥା ଏବଂ ସମସ୍ତ ମତ୍ସ୍ୟଜୀବୀଙ୍କ ପାଇଁ ପ୍ରଯୁଜ୍ୟ । ଆଇ ପି ଓ ଏ ର ପ୍ରବେଶ ପରେ, ଆଇ ୟୁ ୟୁ ମତ୍ସ୍ୟବୃତ୍ତିର ପ୍ରକୃତି ଏବଂ ପରିସରକୁ ସମ୍ବୋଧିତ କରାଯାଇଛି । ଆଇ ପି ଓ ଏ ର ଉଦ୍ଦେଶ୍ୟ, ସିଦ୍ଧାନ୍ତ ଏବଂ ଆଇ ୟୁ ୟୁ ମତ୍ସ୍ୟବୃତ୍ତିକୁ ରୋକିବା, ନିବାରଣ କରିବା ଏବଂ ହଟାଇବା ପାଇଁ ପଦକ୍ଷେପଗୁଡିକର ପରିଚାଳନା କୌଶଳ ଏଠାରେ ବର୍ଣ୍ଣିତ ହୋଇଅଛି । ଏହି ପଦକ୍ଷେପଗୁଡିକ ସମସ୍ତ ଦେଶ ଓ ଫ୍ଲାଗ ଦେଶମାନଙ୍କର ଦାୟିତ୍ୱ, ଉପକୂଳବର୍ତ୍ତୀ ଦେଶ ଓ ବନ୍ଦର ଦେଶମାନଙ୍କର ପଦକ୍ଷେପ, ଆନ୍ତର୍ଜାତୀୟ ସ୍ତରରେ ସହମତ ବଜାର ସମ୍ବନ୍ଧୀୟ ପଦକ୍ଷେପ, ଅନୁସନ୍ଧାନ ଏବଂ ଆଞ୍ଚଳିକ ମତ୍ସ୍ୟ ପରିଚାଳନା ଉପରେ ଧ୍ୟାନ ଦେଇଥାଏ । ଏଥିରେ ବିକାଶଶୀଳ ଦେଶଗୁଡିକର ସ୍ୱତନ୍ତ୍ର ଆବଶ୍ୟକତା ଉପରେ ବିବେଚନା କରାଯାଇଛି ଓ ବିବରଣୀର ଆବଶ୍ୟକତା ଏବଂ ଏଫ ଏ ଓ ର ଭୂମିକାକୁ ଗୁରୁତ୍ୱ ଦିଆଯାଇଛି ।